## ସଂକ୍ଷେପରେ

### କଣ୍ଟେନର ଜବତ ଘଟଣାରେ ଚାଳକ, ହେଲପର ଗିରଫ

**ଧର୍ମଶାଳା,୨୨।୯(ଡି.ଏନ.ଏ.):** ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରୁ ଗୋରୁ ବୋଝେଇ କଣ୍ଟେନର ଜବତ ହୋଇଥିବାବେଳେ ଗୁରୁବାର ପୋଲିସ କଣ୍ଟେନର ଚାଳକ ଓ ହେଲପରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଳକ ଖୋର୍ଦ୍ଧା ବଲିପାଟଣା ଅଞ୍ଚଳର ସେକ୍ ଆବୁ ବସର ଓ ସେହି ଅଞ୍ଚଳର ହେଲପର ସେକ ନିଜାମୁଦ୍ଦିନ୍। ଖୋର୍ଦ୍ଧା ଜିଲାରୁ କଣ୍ଟେନର ୪୫ ଗୋରୁ ବୋଝେଇ କରି ମଙ୍ଗଳବାର ରାତିରେ କଲିକତା ଯାଉଥିବା ବେଳେ ଭୁବନେଶ୍ୱରର ଏକ ଗୋସୁରକ୍ଷା ସଙ୍ଗଠନ ସଦସ୍ୟ ଗାଡ଼ିର ପିଛା କରିଥିଲେ। ରାତି ପ୍ରାୟ ୨ଟା ସମୟରେ ସେମାନେ ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡିକୁ ଅଟକାଇ ପୋଲିସ ଜିମା ଦେଇଥିଲେ। ଏହି ସମୟରେ ଗାଡ଼ି ଚାଳକ ଓ ହେଲପର ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ନଂ.୫୨୦/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଏବେ ଗାଡ଼ି ଓ ଗୋରୁ ମାଲିକଙ୍କୁ ଖୋଜୁଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### କାରଖାନାରୁ ଲୁଟ୍ ଅଭିଯୋଗରେ ୨ ଗିରଫ

**କଳିଙ୍ଗନଗର,୨୨।୯(ଡି.ଏନ.ଏ.):** କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ କାରଖାନାରୁ ଚୋରି ଅଭିଯୋଗରେ କଳିଙ୍ଗନଗର ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଡ଼ିଗୋଠ ଗ୍ରାମର ବଡ଼େଜା ଜେନା (୩୫) ଏବଂ ପିକା ଜେନା(୩୨)। ସୂଚନା ମୁତାବକ, ଗତ ୨୦ ତାରିଖରେ କେତେଜଣ ଦୁର୍ବୃତ୍ତ କାରଖାନାରେ ପଶି ଚୋରି କରିଥିଲେ। ଏହି ସମୟରେ ସୁରକ୍ଷାକର୍ମୀ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ମାଡ଼ ମରାମରି ଓ ଗାଡି ଭଙ୍ଗାରୁଜା ହୋଇଥିଲା। କାରଖାନା ଗୋଡ଼ି ଗୋଠପଟରୁ ପାଚେରି ଡେଇଁ ଦୁର୍ବୃତ୍ତ କାରଖାନାରେ ପଶିଥିଲେ। କାରଖାନାର ସୁରକ୍ଷାକର୍ମୀଙ୍କ ପାଲଟା ଜବାବରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ କାରଖାନା ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୯୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

### ବଡ଼କାଏମାରେ ଅହିଂସା ରଥକୁ ସ୍ୱାଗତ

**କାଏମା,୨୨।୯(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତରେ ଗୁରୁବାର ଅହିଂସା ରଥକୁ ସ୍ୱାଗତ କରାଯାଇଛି। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସ୍ମୃତିରେଖା ବେହେରା, ସରପଞ୍ଚ କୁମୁଦିନୀ ମହାନ୍ତି, ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅହିଂସା ରଥକୁ ସ୍ୱାଗତ କରାଯିବା ସହ କାଏମା ବଜାରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଫୁଲମାଲ୍ୟ ଅର୍ପଣ କରାଯାଇଥିଲା।

# ପ୍ରଥମ ଦିନର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

## ଯୁକ୍ତ ୨ କଲେଜରେ ପାଠପଢ଼ା ଆରମ୍ଭ

**ଧର୍ମଶାଳା,୨୨।୯(ଡି.ଏନ.ଏ.): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଲେଜରେ ଗୁରୁବାରଠାରୁ ଇଣ୍ଡକଶନ କ୍ଲାସ୍ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକର ୮ ଯୁକ୍ତ ୨ କଲେଜର କଳା, ବିଜ୍ଞାନରେ ସର୍ବାଧିକ ନମ୍ବର ରଖି ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ କଲେଜ ଜୀବନର ପ୍ରଥମ ଦିନ ଅନୁଭୂତିକୁ ନେଇ ଧର୍ମଶାଳା ପ୍ରତିନିଧି ବଟକୃଷ୍ଣ ପରିଡ଼ାଙ୍କ ସ୍ୱତନ୍ତ୍ର ଉପସ୍ଥାପନା।**



“ ଧର୍ମଶାଳା କଲେଜ ଜିଲାର ଏକ ଆଦର୍ଶ କଲେଜ। ଆଜି କଲେଜ ଆସି ପୁରୁଣା ଓ ନୂଆ ସହପାଠୀଙ୍କ ସହ ପରିଚିତ ହେଲି। କଲେଜ ପରିବେଶ ମୋତେ ଆନନ୍ଦ ଦେଉଛି। ମୁଁ ମାଟ୍ରିକ ପରୀକ୍ଷାରେ ୫୨୪ମାର୍କ ରଖି ଯୁକ୍ତ ୨ କଳାରେ ନାମ ଲେଖାଇଥିବାରୁ ବିଭାଗୀୟ ଅଧ୍ୟାପକମାନେ ମୋତେ ସ୍ୱାଗତ ଜଣାଇ ଉତ୍ତମ ଛାତ୍ର ହେବା ସହ ଯୁକ୍ତ ୨ ପରୀକ୍ଷାରେ ଅଧିକ ମାର୍କ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ଆଜିର ଦିନଟି ମୋ ପାଇଁ ନିଆରା ଥିଲା।

**- ପ୍ରଭଞ୍ଜନ ବିଶ୍ୱାଳ, କଳା ଛାତ୍ର**



“ ଧର୍ମଶାଳା ମହାବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ କରାଯାଉଥିବାରୁ ମୁଁ ୫୫୧ମାର୍କ ରଖିଥିଲେ ମଧ ଏହି କଲେଜରେ ନାମ ଲେଖାଇଛି। କଲେଜରୁ ପୂର୍ବ ବର୍ଷଗୁଡ଼ିକରେ ବିଶ୍ୱବିଦ୍ୟାଳୟସ୍ତରରେ ଅନେକ ଛାତ୍ରୀଛାତ୍ର ଟପ୍ପର ହୋଇଛନ୍ତି। ମୋ ଅଭିଭାବକ ଓ ମୁଁ ଏଠାରେ ନାମ ଲେଖାଇବାକୁ ଉଚିତ ମଣିଛୁ। ନୂତନ ପୋଷାକରେ ପ୍ରଥମ ଦିନ କଲେଜ ଆସିଥିଲି। ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ଦିନରେ ଭଲ ପାଠପଢ଼ି କଲେଜର ନାମରଖିବା ପାଇଁ ପରାମର୍ଶ ଦେଇଥିଲେ। କଲେଜର ସହପାଠୀଙ୍କ ସହ ମିଶିଥିବାରୁ ପ୍ରଥମ ଦିନର ଅନୁଭୂତି ବହୁତ ଆନନ୍ଦ ଦେଇଛି।

**- ପ୍ରଜ୍ଞା ପାରମିତା ସାମଲ, ବିଜ୍ଞାନ ଛାତ୍ରୀ**



“ ମୁକୁନ୍ଦପାତ୍ର କଲେଜ ଗ୍ରାମୀଣ ପରିବେଶ ମଧ୍ୟରେ ପ୍ରତିଷ୍ଠିତ। ପ୍ରଥମ ଦିନରେ କଲେଜ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଇଣ୍ଡକ୍ସନ କ୍ଲାସ୍ ହୋଇଥିଲା। ଛାତ୍ରୀଛାତ୍ର ନିଜର ପରିଚୟ ସହ ମାଟ୍ରିକ ପରୀକ୍ଷାରେ କେତେ ମାର୍କ ରଖିଥିବା ସୂଚନା ଦେଇଥିଲେ। ମୋ ପରିଚୟ ଦେବାବେଳେ ଅଧ୍ୟକ୍ଷ ସୂଚନା ଦେଇଥିଲେ ଯେ, ମୁଁ ସର୍ବାଧିକ ୫୪୨ମାର୍କ ରଖି କଳାରେ ନାମ ଲେଖାଇଛି। ସହପାଠୀ ଜଣେ ସ୍ୱାଗତ ଜଣାଇବା ମୋ ପାଇଁ ପ୍ରଥମ ଦିନରେ ବହୁ ଆନନ୍ଦ ଦେଇଥିଲା।

**- ସୋନାକ୍ଷୀ ସୋନମ ଓଝା, କଳା ଛାତ୍ରୀ**



“ ମୁକୁନ୍ଦପାତ୍ର କଲେଜଟି ଏକ ଶସ୍ୟଶ୍ୟାମଳା ଚାଷ ଜମି ପରିବେଶରେ ଅବସ୍ଥିତ। ଆଜି କଲେଜରେ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ନୂତନ ଛାତ୍ରୀଛାତ୍ରଙ୍କ ଇଣ୍ଡକ୍ସନ କ୍ଲାସ୍ ହୋଇଥିଲା। ଆମେ ଆମ୍ଭର ପରିଚୟ ପ୍ରଦାନ କରିଥିଲୁ। ମୁଁ ୫୨୮ ମାର୍କ ରଖି ନାମ ଲେଖାଇଥିବା ଅଧ୍ୟାପକ ସୂଚନା ଦେଇଥିଲେ। ଏନେଇ ମୋତେ ସମସ୍ତେ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଅଧ୍ୟବସାୟରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସାର୍‌ମାନେ ଦେଇଥିବା ଉପଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିବି। ଆଜିର ଦିନ ମୋ ପାଇଁ ସ୍ମରଣୀୟ ହୋଇ ରହିବ।

**- ଭାଗ୍ୟଲକ୍ଷ୍ମୀ ସାହୁ, ବିଜ୍ଞାନ ଛାତ୍ରୀ**



“ ଜେନାପୁର କଲେଜଟି ବ୍ରାହ୍ମଣୀ ନଦୀ କୂଳରେ ଏକ ଦ୍ୱୀପ ମଧ୍ୟରେ ପ୍ରତିଷ୍ଠିତ ହୋଇଥିବାରୁ ପରିବେଶ ବହୁ ଆନନ୍ଦ ଦେଇଥିଲା। ମୁଁ ୫୧୯ ମାର୍କ ରଖି କଳାରେ ନାମ ଲେଖାଇଥିବାରୁ ଆଜି ଅନୁଷ୍ଠିତ ଇଣ୍ଡକ୍ସନ କ୍ଲାସ୍‌ରେ ସାର୍ ସୂଚନା ଦେବା ପରେ ମୋ ସହପାଠୀ ମୋତେ କରତାଳି ଦେଇ ସ୍ୱାଗତ ଜଣାଇଥିଲେ। ପ୍ରଥମ ଦିନର ଅନୁଭୂତି ବହୁତ ଆନନ୍ଦଦାୟକ ଥିଲା।

**- ଶୁଭସ୍ମିତା ରାଉତ, କଳା ଛାତ୍ରୀ**



“ ଧର୍ମଶାଳା ମହିଳା କଲେଜ ପାହାଡ଼ ପାଦଦେଶରେ ଅବସ୍ଥିତ ହୋଇଥିବାରୁ ଏହା ସୁନ୍ଦର ପରିବେଶ ସୃଷ୍ଟି କରିଛି। ଅଧ୍ୟକ୍ଷାଙ୍କ ସୂଚନା ଅନୁସାରେ ମୁଁ ଆଜି କଲେଜକୁ ଆସିଥିଲି। ବହୁ ନୂତନ ଓ ପୁରାତନ ସହପାଠୀଙ୍କ ସହିତ ମିଶିଥିଲି। ଲାଇବ୍ରେରି, ରୁଟିନ ଓ କ୍ଲାସ୍ ରୁମ୍ ବାବଦରେ ଅବଗତ ହେଲି। ପ୍ରଥମ ଦିନର ଅନୁଭୂତି ମୋ ପାଇଁ ଚିରସ୍ମରଣୀୟ ହୋଇ ରହିବ।

**- ସୁମିତ୍ରା ମଲ୍ଲିକ, କଳା ଛାତ୍ରୀ**



“ ଜାରକା କବାଟବନ୍ଧ ରାସ୍ତା ପାର୍ଶ୍ୱରେ ଗୋକର୍ଣ୍ଣିକା ଘରୋଇ କଲେଜରେ ପାଠପଢ଼ା ଚାଲିଛି। ଏଠାରେ କେବଳ ବିଜ୍ଞାନ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଜି କଲେଜ ଆସି ଅଧ୍ୟାପିକା, ଅଧ୍ୟାପକ ଓ ସହପାଠୀଙ୍କ ସହ ପରିଚିତ ହେଲି। ମୁଁ ସିବିଏସ୍‌ଇ ପରୀକ୍ଷାରେ ୯୫ ପ୍ରତିଶତ ମାର୍କ ରଖି ଏଠାରେ ଉତ୍ତମ ଅଧ୍ୟାପନା ହେଉଥିବାରୁ ନାମ ଲେଖାଇଛି। ସହପାଠୀମାନେ ମୋତେ ସ୍ୱାଗତ କରିବା ବହୁତ ଆନନ୍ଦ ଦେଇଥିଲା। ଆଗାମୀ ଦିନରେ ଯୁକ୍ତ ୨ ପରୀକ୍ଷାରେ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହେବା ପାଇଁ ବହୁ ପରିଶ୍ରମ କରିବାକୁ ହେବ ବୋଲି ଅନୁଭବ କଲି।

**- ରୁଦ୍ର ପ୍ରକାଶ ରାଉତ, ବିଜ୍ଞାନ ଛାତ୍ର**



“ ଜଗନ୍ନାଥଜୀଉ କଲେଜରେ ଆଜି ପହଞ୍ଚିବା ପରେ ଟିକେ ଭୟ ଲାଗୁଥିଲା। ମାତ୍ର ସାର୍ ଓ ସହପାଠୀଙ୍କ ସହିତ ମିଶିବା ପରେ ବହୁତ ଆନନ୍ଦ ଲାଗିଲା। ମାଟ୍ରିକ ପରୀକ୍ଷାରେ ମୁଁ ୫୦୯ ନମ୍ବର ରଖି ନାମ ଲେଖାଇଥିବାରୁ ସାର୍ ଓ ସହପାଠୀମାନେ ଶୁଭେଚ୍ଛା ଜଣାଇଥିଲେ। କିପରି ଅଧ୍ୟାପନାରେ ଉତ୍ତମ ଛାତ୍ରୀ ହୋଇ କଲେଜର ନାମ ଓ ବାପାମାଙ୍କ ନାମ ରଖି ପାରିବି ସାର୍ ମୋତେ ପରାମର୍ଶ ଦେଇଥିଲେ। ପ୍ରଥମ ଦିନରେ ସାର୍‌ମାନେ ଦେଇଥିବା ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ଶପଥ ନେଉଛି। କଲେଜରେ ପ୍ରଥମ ଦିନ ମୋ ପାଇଁ ସ୍ମରଣୀୟ ହୋଇ ରହିବ।

**- ସୁଚିତ୍ରା ପାତ୍ର, କଳା ଛାତ୍ରୀ**



“ ଜଗନ୍ନାଥଜୀଉ କଲେଜ ଜାତୀୟ ରାଜପଥ ଓ ପାହାଡ଼ ପାଦ ଦେଶରେ ଅବସ୍ଥିତ। ମୁଁ ୫୬୯ ମାର୍କ ରଖି ପାସ୍ କରି ଏହି କଲେଜରେ ବିଜ୍ଞାନରେ ନାମ ଲେଖାଇଥିବାରୁ ବିଭାଗୀୟ ଅଧ୍ୟାପିକା, ଅଧ୍ୟାପକ ଓ ସହପାଠୀମାନେ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷ ଓ ଅଧ୍ୟାପକମାନେ ମୋର ଉତ୍ତରୋତ୍ତର କାମନା କରିଥିଲେ। କଲେଜ ପରିବେଶ ମୋତେ ବହୁତ ଆନନ୍ଦ ଦେଇଥିଲା। ମୋ ପାଇଁ ଆଜିର ଦିନଟି ନିଆରା ଥିଲା।

**- ପଙ୍କଜ କୁମାର ସାହୁ, ବିଜ୍ଞାନ ଛାତ୍ର**



“ ବଜ୍ରଗିରି କଲେଜ ଜଙ୍ଗଲଘେରା ପାହାଡ଼ ଉପରେ ଅବସ୍ଥିତ ହୋଇଥିବାରୁ ଏହା ବକୁଳବନ ପରି ଶୋଭାପାଉଛି। ଆଜି ମୁଁ କଲେଜ ଯାଇ ଅଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପକ ଓ ସହପାଠୀଙ୍କ ସହ ମିଶିଥିଲି। ମୁଁ ୫୫୧ ନମ୍ବର ମାର୍କ ରଖି ବିଜ୍ଞାନରେ ନାମ ଲେଖାଇଛି। ସହପାଠୀଙ୍କ ସହ ଲାଇବ୍ରେରିରୁ ରୁଟିନ ଆଣିବା ସହ କ୍ଲାସ୍ ରୁମ୍‌ଗୁଡ଼ିକ ବୁଲି ଦେଖିଲି। ଅଧ୍ୟାପକମାନେ ବହୁତ ଉପଦେଶ ଦେଇଛନ୍ତି। ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିବି।

**- ଆକାଶ ରାୟ, ବିଜ୍ଞାନ ଛାତ୍ର**



“ ବଜ୍ରଗିରି କଲେଜଟି ପାହାଡ଼ ଜଙ୍ଗଲଘେରା ପରିବେଶରେ ଅବସ୍ଥିତ ହୋଇଥିବାରୁ ଏହା ଏକ ସ୍ୱତନ୍ତ୍ର ପରିବେଷ ସୃଷ୍ଟି କରିଛି। ମୁଁ ୫୨୨ ମାର୍କ ରଖି ଏଠାରେ ନାମ ଲେଖାଇଛି। ଅଧ୍ୟାପକମାନେ ଭଲ ପାଠ ପଢ଼ାଉଥିବା ଜାଣିବାକୁ ପାଇଛି। ଉତ୍ତମ ଛାତ୍ରୀ ହୋଇ ଭଲ ପାଠ ପଢ଼ି କଲେଜର ନାମ ରଖିବି। ସେଥିପାଇଁ ଅଧ୍ୟାପକମାନେ ପରାମର୍ଶ ଦେଇଥିଲେ। କଲେଜର ପ୍ରଥମ ଦିନ ମୋ ପାଇଁ ସ୍ମରଣୀୟ ହୋଇ ରହିବ।

**- ସୀମାରାଣୀ ପ୍ରଧାନ, କଳା ଛାତ୍ରୀ**



“ ଜାରକାସ୍ଥିତ ରେନେସାଂ କଲେଜ ବହୁତ ଭଲ ଲାଗିଲା। ଶିକ୍ଷକ ଓ ସାଙ୍ଗମାନଙ୍କ ସହ ମିଶିବା ଜୀବନର ଏକ ଅଭୁଲା ଅନୁଭୂତି ଥିଲା। ଆମ କଲେଜର ଚେୟାରମ୍ୟାନ ଓ ଅଧ୍ୟକ୍ଷ ଉତ୍ତମ ଛାତ୍ର ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ସ୍ୱୟଂପ୍ରଭା ଶତପଥୀଙ୍କ ଅଧ୍ୟାପନା ଉଚ୍ଚକୋଟିର ଥିଲା। କଲେଜ ପାଠପଢ଼ା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ମୁଁ ୫୬୦ ମାର୍କ ରଖି ଏଠାରେ ନାମ ଲେଖାଇଛି।

**- ପ୍ରବୀଣ ପହି, ବିଜ୍ଞାନ ଛାତ୍ର**

## ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ

**ରସୁଲପୁର,୨୧।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ବ୍ଲକର ମୁଗୁପାଳ ହାଇସ୍କୁଲ ପଡିଆଠାରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ପକ୍ଷରୁ ରଥକୁ ସ୍ୱାଗତ କରାଯାଇଥିଲା। ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ କୁଆଖିଆ ବଜାର, ବାରବାଟୀ ବାଜର ଆଦି ସ୍ଥାନରେ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ତହସିଲଦାର ନିରଞ୍ଜନ ସାହୁ, ଅତିରିକ୍ତ ବିଡିଓ ଦିବ୍ୟକାନ୍ତି ମିଶ୍ର, ମୁଗୁପାଳ ସରପଞ୍ଚ ପ୍ରଜ୍ଞାପରମିତା ମଲିକ, ସମିତିସଭ୍ୟ ନରୋତ୍ତମ ସାହୁ, ବାରବାଟୀ ସରପଞ୍ଚ ଆୟୁଷମତି ଦାସ, ସମିତିସଭ୍ୟା ସୌଦାମିନୀ ସ୍ୱାଇଁଙ୍କ ସମେତ ବ୍ଲକ ଓ ତହସିଲ ପ୍ରଶାସନର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସ୍ଥାନରେ ଜାତୀୟ ସଂଗୀତ ଗାନ କରାଯାଇଥିଲା।

## ନିମ୍ନମାନର କଙ୍କ୍ରିଟ ରାସ୍ତା ନିର୍ମାଣ

- ଅଭିଯୋଗ କରିବାରୁ ସରପଞ୍ଚଙ୍କୁ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର
- ଥାନାରେ ଅଭିଯୋଗ କରି ନ୍ୟାୟ ମାଗିଲେ

**ସୁକିନ୍ଦା,୨୨।୯(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତର ମହିଳା ସରପଞ୍ଚ ଶର୍ମିଷ୍ଠା ବରାଳ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ସେ ଗୁରୁବାର ଥାନାରେ ଏତାଲା ଦେଇଛନ୍ତି। ନ୍ୟାୟ ନ ମିଳିଲେ ସେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ହରିପୁର ପଞ୍ଚାୟତର ବଞ୍ଚାସାହିରୁ ଲକ୍ଷ୍ମୀ ବଜାର ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା କଙ୍କ୍ରିଟ ରାସ୍ତା କାମରେ ବହୁ ଅନିୟମିତତା ହୋଇଥିବା ଗ୍ରାମବାସୀ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚ ବରାଳ ଅଭିଯୋଗ ପାଇ ରାସ୍ତା ନିର୍ମାଣ ସ୍ଥଳକୁ ଯାଇ ବିନା ଫଳକ କାମ ଚାଲିଥିବା ଦେଖିଥିଲେ। କାମ ନିମ୍ନମାନର ହୋଇଥିବା ଦେଖି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରି କାମ ବନ୍ଦ କରିବାକୁ କହିଥିଲେ। ତେବେ ସେ ବାହାରେ ଅଛନ୍ତି, ପରେ ବୁଝିବେ ବୋଲି କହିଥିଲେ। ଏହାପରେ ସରପଞ୍ଚ ଲିଖିତ ଅଭିଯୋଗ କରିବା ନିମନ୍ତେ ବ୍ଲକ କାର୍ଯ୍ୟାଳୟକୁ ସ୍ୱାମୀ ରବିନ୍ଦ୍ର ବରାଳଙ୍କ ସହିତ ଯାଇଥିଲେ। ସେମାନଙ୍କୁ ବ୍ଲକ କାର୍ଯ୍ୟାଳୟରେ ଦେଖି କନିଷ୍ଠ ଯନ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାବାଦ୍ କେତେଜଣ ଠିକାଦାର ଯନ୍ତ୍ରୀଙ୍କ ସପକ୍ଷରେ ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ସେ ଏତାଲାରେ ଦର୍ଶାଇଛନ୍ତି। ଏହି ଘଟଣା ସମୟରେ ସୁକିନ୍ଦା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ ସେଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରି ପଠାଇଦେଇଥିଲେ। ସେ ଏବଂ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସରପଞ୍ଚ ଥାନାରୁ ସୁରକ୍ଷା ଲୋଡିଛନ୍ତି।

# କାଗଜ, କଲମରେ ସୀମିତ ରହୁଛି ପ୍ରସ୍ତାବ

### ଆଜି ରେଳଷ୍ଟେଶନ ପରାମର୍ଶଦାତା କମିଟି ବୈଠକ

- ଗୁଡ୍‌ସ ଶେଡ୍ ସ୍ଥାନାନ୍ତର ନୋହିଲା
- ଷ୍ଟେଶନ ଦକ୍ଷିଣରେ ଟିକେଟ୍ କାଉଣ୍ଟର, ଗାଡ଼ି ଷ୍ଟାଣ୍ଡ ଦାବି
- ସମସ୍ତ ଦ୍ରୁତଗାମୀ ଟ୍ରେନ ରହଣିକୁ ଗୁରୁତ୍ୱାରୋପ



ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ଗୁଡ୍‌ସ ଶେଡ୍‌ରେ ସିମେଣ୍ଟ ଅନ୍‌ଲୋଡ୍ କରାଯାଉଛି।

**ଯାଜପୁର ଅଫିସ,୨୨।୯**

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନର ବିବିଧ ସମସ୍ୟାର ସମାଧାନ ପାଇଁ ନୂତନ ପରାମର୍ଶଦାତା କମିଟି ଗଠନ ହୋଇଛି। ଏହି କମିଟିର କାର୍ଯ୍ୟକାଳ ୧।୧।୨୦୨୨ରୁ ୩୧।୧୨।୨୦୨୩ ପର୍ଯ୍ୟନ୍ତ ରହିଛି। କମିଟିରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମାଜିକ କର୍ମୀ ସଭ୍ୟ ରହିଛନ୍ତି। କମିଟିର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ତେବେ କମିଟିର ପୂର୍ବ ବୈଠକଗୁଡ଼ିକରେ ରେଳଷ୍ଟେଶନର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ହେଲେ ଅଧିକାଂଶ ନିଷ୍ପତ୍ତି କେବଳ କାଗଜ କଲମରେ ସୀମିତ ରହୁଛି ବୋଲି ମତପ୍ରକାଶ ପାଇଛି।

ପରାମର୍ଶଦାତା କମିଟିର ନିଷ୍ପତ୍ତି ଅନୁଯାୟୀ, ରେଳ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାର ବିଧେୟ ରହିଛି। ଏହି ଷ୍ଟେଶନ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ସେଠାରେ ୧୮୯୬ରୁ ରେଳଷ୍ଟେଶନ ସ୍ଥାପନ ହୋଇଛି। କିନ୍ତୁ ଅଧିକାଂଶ ଦ୍ରୁତଗାମୀ, ସ୍ୱତନ୍ତ୍ର, ଦୁରନ୍ତ, ହମ୍‌ସଫର, ରାଜଧାନୀ ଟ୍ରେନଗୁଡିକ ଏହି ଷ୍ଟେଶନରେ ରହଣୀ ନାହିଁ। ତେଣୁ ଉପରୋକ୍ତ ଟ୍ରେନ ଉପରେ ନିର୍ଭର କରୁଥିବା ଯାତ୍ରୀମାନେ କଟକ, ଭୁବନେଶ୍ୱର କିମ୍ବା ଭଦ୍ରକକୁ ଯାଇଥାନ୍ତି। ତେଣୁ ବୈଠକରେ ସମସ୍ତ ଟ୍ରେନ ଚଳାଚଳ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଉ ବୋଲି ସଭ୍ୟମାନଙ୍କ ପ୍ରଥମ ଦାବି ହେବ ବୋଲି ସୂଚନା ମିଳିଛି। ଏହାସହ କେନ୍ଦୁଝରଗଡ଼-ଖୋର୍ଦ୍ଧାରୋଡ ଏବଂ ଖୋର୍ଦ୍ଧାରୋଡ-କେନ୍ଦୁଝରଗଡ଼ ମେମୁ ଟ୍ରେନ କେନ୍ଦୁଝର-ଯାଜପୁର ରୋଡ ଷ୍ଟେଶନ ଦେଇ ଚଳାଚଳ କରିବାକୁ ପୂର୍ବରୁ ଦାବି ହୋଇଛି। ଏନେଇ ପୂର୍ବ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ରେଳ ବିଭାଗ ଅଧିକାରୀଙ୍କ ନିକଟରେ ୨୬।୭।୨୦୧୮ରୁ ପଡି ରହିଛି। କିନ୍ତୁ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପ୍ରସ୍ତାବରେ ଏହା ସୀମିତ ରହିଛି। ଷ୍ଟେଶନ ପରିସରରେ ନୂତନ କରି ନିର୍ମିତ ହୋଇଥିବା ଫୁଟ୍ ଓଭରବ୍ରିଜ୍ ଉପରେ ପ୍ରାୟ ୯୦% ଯାତ୍ରୀ ନିର୍ଭର କରୁଛନ୍ତି। ହେଲେ ଏଯାଏ ଲିଫ୍ଟ ସିଷ୍ଟମ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ଭିନ୍ନକ୍ଷମ, ବୟସ୍କ ବ୍ୟକ୍ତି, ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆରଏମ୍‌ଏସ୍ କାଉଣ୍ଟର ଷ୍ଟେଶନ ଭିତରେ ରହିଛି। ଏହାର ବ୍ୟବହାର ପାଇଁ ଜଣେ ଯାତ୍ରୀ ପ୍ରଥମେ ପ୍ଲାଟଫର୍ମ ଟିକେଟ କିଣି ଆରଏମ୍‌ଏସ୍ କାଉଣ୍ଟରକୁ ଯିବାକୁ ପଡୁଛି। ଏପରିକି ଅଧିକାଂଶ ଯାତ୍ରୀ ଏହି ଆରଏମ୍‌ଏସ୍ ସମ୍ପର୍କରେ ଅବଗତ ନାହାନ୍ତି। ତେଣୁ ଏହି ଆରଏମ୍‌ଏସ୍ କାଉଣ୍ଟରକୁ ଷ୍ଟେଶନ ବାହାରେ ସ୍ଥାପନ କରିବାକୁ ଦାବି ହେଉଛି।

ଭାରତ ସରକାର ସ୍ୱଚ୍ଛତା ଅଭିଯାନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଥଚ ଏହି ରେଳଷ୍ଟେଶନକୁ ଲାଗି ରହିଥିବା ଗୁଡ୍‌ସ ସେଡ୍ ଯୋଗୁ ଯାତ୍ରୀ ଓ ସହରବାସୀ ସିମେଣ୍ଟ ତଥା ସାର ଗୁଣ୍ଡରେ ଅଣନିଃଶ୍ୱାସୀ ହେଉଛି। ଏଥିସହିତ ଟ୍ରାଫିକ ସମସ୍ୟା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ଗୁଡ୍‌ସ ସେଡ୍ ସ୍ଥାନାନ୍ତର ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ବିଗତ ବୈଠକରେ ଏନେଇ ଆଲୋଚନା ହୋଇଛି। କିନ୍ତୁ ଏହି ମୁଖ୍ୟ ସମସ୍ୟାକୁ ସମାଧାନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇ ଦାବିକୁ ଅଗ୍ରାହ୍ୟ କରି ଦିଆଯାଉଛି। ଯେଉଁଦିନ ସିମେଣ୍ଟ ଅନ୍‌ଲୋଡିଂ ହେଉଛି ସେଦିନ ଦଳା ଓ ଡାକବଙ୍ଗଳା ଛକଠାରୁ ଗଣେଶବଜାର ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯିବା ଆସିବା କଷ୍ଟକର ହେଉଛି। ଏପରିକି ଦୁର୍ଘଟଣା ଘଟି ଲୋକଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ଏହି ରାସ୍ତାଦେଇ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଅଟକି ରହୁଥିବା ଦେଖିବାକୁ ମିଳିଛି। ତେଣୁ ଏହି ଗୁଡ୍‌ସ ସେଡ୍‌କୁ ଷ୍ଟେଶନର ପଶ୍ଚିମରେ ଥିବା ଅଞ୍ଚଳକୁ ସ୍ଥାନାନ୍ତର କରିବାକୁ ଦାବି ହେଉଥିଲେ ହେଁ ଏହା କମିଟି ପରିସୀମାଭୁକ୍ତ ନୁହେଁ ବୋଲି କୁହାଯାଇ ଏଡାଇ ଦିଆଯାଉଛି। ୧।୬।୨୦୧୮, ୧୦।୩।୨୦୧୯ ଓ ୨୪।୧୧।୨୦୨୧ ବୈଠକରେ ଉପରୋକ୍ତ ସମସ୍ତ ବିଷୟ ଉପରେ ଆଲୋଚନା କରାଯାଇଛି। ଏହାସହ ଷ୍ଟେଶନର ପଶ୍ଚିମରେ ପ୍ରସ୍ତାବିତ ଶୌଚାଳୟ ଏବଂ ଦକ୍ଷିଣରେ ଏକ ଟିକେଟ୍ କାଉଣ୍ଟର ଓ ଗାଡି ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହେଉଛି। କିନ୍ତୁ ଏହି ସବୁ ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନ ଥିବାରୁ ପରାମର୍ଶଦାତା କମିଟିର ବୈଠକର କିଛି ମାନେ ନାହିଁ ବୋଲି ମତପ୍ରକାଶ ପାଇଛି।

## ଅହିଂସା ରଥକୁ ଧର୍ମଶାଳା ଅଞ୍ଚଳରେ ସମ୍ବର୍ଦ୍ଧନା

**ଧର୍ମଶାଳା,୨୨।୯(ଡି.ଏନ.ଏ.)**

ଯାଜପୁର ଜିଲା ପରିକ୍ରମା କରୁଥିବା ଅହିଂସା ରଥକୁ ଗୁରୁବାର ଧର୍ମଶାଳା ବ୍ଲକର ଜାରକାଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ରଥ ୧୬ ନଂ. ଜାତୀୟ ରାଜପଥ ଜାରକା ଛକଠାରେ ପହଞ୍ଚିବା ପରେ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ମହିଳା ସଙ୍ଗଠନ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ବୁଦ୍ଧିଜୀବୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇନଜୀବୀ ସଂଘ ଓ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ରହି ରଥକୁ ସମ୍ବର୍ଦ୍ଧିତ କରିଥିଲେ।

ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ମହାତ୍ମା ଗାନ୍ଧିଙ୍କ କଥା ଓ ଗାଥାକୁ ମନେ ପକାଇ ଅହିଂସା ଏବଂ ଦେଶପ୍ରେମର ବାର୍ତ୍ତା ସମ୍ପର୍କରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ସ୍ୱାଗତ ଦାସ, ଜିଲାପରିଷଦ ସଭ୍ୟ ଜଳଧର ମାହାନ୍ତି, ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ସିଡିପିଓ ସଞ୍ଜୁଲତା ନାୟକ, ଆଇନଜୀବୀ ସନ୍ତୋଷ ତରାଇ, ଗୋକର୍ଣ୍ଣିକା ଅନୁଷ୍ଠାନ ସଭାପତି ରମାକାନ୍ତ ଜେନା, ଅଧ୍ୟାପକ ବିଜୟ କୁମାର ନାୟକ, ବିବେକାନନ୍ଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ରଥ ଶାନ୍ତି ବଜାର ଦେଇ କାଏମା ବାଜରସ୍ଥିତ ଗାନ୍ଧି ମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ ଓ ଜନସାଧାରଣ ସାମିଲ ହୋଇ ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।




ଜାରକାଠାରେ ଅହିଂସା ରଥକୁ ସ୍ୱାଗତ କରିବକୁ ମହିଳାମାନେ ଛିଡ଼ା ହୋଇଛନ୍ତି।

## ସଂକ୍ଷେପରେ

### ୩ ସନ୍ତାନର ଜନକ ପାଇଁ ୱାର୍ଡ ସଭ୍ୟପଦ ରଦ୍ଦ

ଡେରାବିଶ, ୨୨।୯(ସ୍ୱ.ପ୍ର.) : ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ୮ ନଂ. ୱାର୍ଡ଼ (ତିଳକପୁର) ପାଇଁ କୈଳାସ ଚନ୍ଦ୍ର ପ୍ରଧାନ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୱାର୍ଡସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ୩ଟି ସନ୍ତାନ ଥିବାରୁ କୋର୍ଟ ୱାର୍ଡ ସଭ୍ୟ ପଦ ରଦ୍ଦ କରିଛନ୍ତି। କୈଳାସଙ୍କ ୩ଟି ସନ୍ତାନ ଥିବାରୁ ଏହାର ପ୍ରତିବାଦରେ ତିଳକପୁର ଗାଁର ମଳୟ କୁମାର ସ୍ୱାଇଁ କେନ୍ଦ୍ରାପଡ଼ା ଜିଲା ଦୌରାଜଜ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପକ୍ଷରୁ ଏହାର ବିଚାର କରାଯାଇ କେସ ନଂ. ୪/୨୨ରେ ମଙ୍ଗଳବାର କୈଳାସଙ୍କ ୱାର୍ଡସଭ୍ୟ ପଦ ରଦ୍ଦ କରିଛନ୍ତି। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରେ କୋର୍ଟଙ୍କ ଆଦେଶ ପାଇବା ପରେ ଏହାର ତଦନ୍ତ କରି ଜିଲାପାଳଙ୍କୁ ଜଣାଇବୁ। ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଯୁକ୍ତ ୨ ପିଲାଙ୍କୁ କଲେଜରେ ସ୍ୱାଗତ

ମାର୍ଶାଘାଇ, ୨୨।୯ (ଡି.ଏନ.ଏ.): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆହ୍ୱାନକ୍ରମେ ଗୁରବାର ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନବାଗତ ଯୁକ୍ତ ୨ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଉଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧାପିକାଅଧାପକମାନେ ଯୋଗଦେଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟର ଯୁକ୍ତଦୁଇ ସ୍ତରର ପାଠ୍ୟ ଖସଡ଼ା, ବିଷୟ ଚୟନ, ଶୈକ୍ଷିକ ପରିବେଶ, ଗୁଣାତ୍ମକ ଶିକ୍ଷାଦାନ, ଶୃଙ୍ଖଳା ଓ ଦାୟିତ୍ୱବୋଧ ଉପରେ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ପିଲାମାନଙ୍କୁ ସମୟ ସାରଣୀ. ଓ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଅଧାପକ ସୁକାନ୍ତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

### ଯୁବ ଖବରଦାତାଙ୍କ ପରଲୋକ

ରାଜନଗର, ୨୨।୯(ଡି.ଏନ.ଏ.) ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ପୋଖରିଆ ଗାଁର ଯୁବ ଖବରଦାତା ପ୍ରଦୀପ କୁମାର ପ୍ରଧାନଙ୍କ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୩୩ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘବର୍ଷ ଧରି ଏକ ଖବରକାଗଜ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଗତ ୧ ବର୍ଷ ହେଲା ସେ କ୍ୟାନସର ରୋଗରେ ପୀଡିତ ଥିଲେ। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ସମଗ୍ର ବ୍ଲକରେ ଶୋକର ଛାୟା ଖେଳାଇ ଦେଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, କବି ଶତ୍ରୁଘନ ତରାଇ, ମାନସ କୁମାର ଦାସ, କବି ପ୍ରମୋଦ କୁମାର ସେଠୀ ପ୍ରମୁଖ ଗଭୀର ଶୋକବ୍ୟକ୍ତି କରିଛନ୍ତି।

# ନିର୍ଯାତନା, ମୃତ୍ୟୁର ସାମ୍ନା କରୁଛନ୍ତି ପ୍ରବାସୀ ଶ୍ରମିକ

**କର୍ମନିଯୁକ୍ତି ପାଇଁ ଜିଲାରେ ସୁଯୋଗ ନାହିଁ**

- ଶ୍ରୀଲଙ୍କାରେ ଗଲା ଶ୍ରମିକ କମଳାକାନ୍ତଙ୍କ ଜୀବନ
- ଦୁବାଇରେ ଫସିଛନ୍ତି ୧୧ ଶ୍ରମିକ

କେନ୍ଦ୍ରାପଡ଼ା ଅଫିସ, ୨୨।୯

ଦାଦନ ଶ୍ରମିକ ଯନ୍ତ୍ରଣା କେନ୍ଦ୍ରାପଡ଼ା ଜିଲାରେ ବଢ଼ି ଚାଲିଛି। ଗୋଟିଏ ସପ୍ତାହ ମଧ୍ୟରେ ନଜରକୁ ଆସିଥିବା ଦୁଇଟି ଘଟଣା ଏବେ ପ୍ରବାସମାନଙ୍କ ଜୀବନ ସଂଘର୍ଷ କାହାଣୀକୁ ସ୍ଥାନୀୟ ଅଞ୍ଚଳରେ ଉଜାଗର କରିଛି। ମହାକାଳପଡ଼ା ବ୍ଲକ କୁମ୍ଭାରପଡ଼ା ଗ୍ରାମର ମାଗୁଣି ସ୍ୱାଇଁଙ୍କ ପୁଅ କମଳାକାନ୍ତ (୨୫) ପରିବାର ପ୍ରତିପୋଷଣ ପାଇଁ ଶ୍ରୀଲଙ୍କା ଯାଇଥିଲେ। କଲୋମ୍ବୋଠାରେ ଅଶୋକ ଷ୍ଟିଲ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡରେ ମାସିକ ୧୬ ହଜାର ଟଙ୍କାରେ କାମ କରୁଥିଲେ। ଗତ ୧୬ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପରିବାର ଲୋକଙ୍କ ନିକଟରେ ପହଞ୍ଚି ଥିଲା। ସେହିପରି ୨୦୨୧ ଡିସେମ୍ବର ୯ରେ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ଅଜୟ ମଲ୍ଲିକ, ମନୋରଞ୍ଜନ ଖୁଣ୍ଟିଆ, ପ୍ରଫୁଲ୍ଲ ସେଠୀ, ହିମାଂଶୁ ମହାନ୍ତି, ବିକାଶ ବେଉରା, ସତେନ୍ଦ୍ର ଯାଦବ, ପ୍ରକାଶ ନାୟକ, ଦୀପକ ଭୂୟାଁ, ବଳରାମ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ୧୨ ଜଣ ଦୁବାଇକୁ କର୍ମ ଅନ୍ୱେଷଣରେ ଯାଇଥିଲେ। ଡିପ୍ଲୋମା ଓ ଆଇଟିଆଇ ପାସ କରି ଯାଇଥିବା ଏହି ଯୁବକଙ୍କୁ ଠିକାଦାର ନେଇଥିବା ବେଳେ ସେଠାରେ ଏମାନଙ୍କୁ ଛାଡି କେଉଁଆଡେ ପଳାଇ ଯାଇଛନ୍ତି। କୌଣସି ପ୍ରକାର ଅଜୟ ଘରକୁ ଫେରି ଆସିଥିବା ବେଳେ ୧୧ ଜଣ ଯୁବକ ଏବେ ଦୁବାଇରେ ଫସି ରହିଛନ୍ତି। ଏଥିସହ ଆଳି ଥାନା ଓ ଜିଲା ପ୍ରଶାସନକୁ ଏ ସମ୍ପର୍କରେ ପରିବାର ଲୋକ ଲିଖିତ ଅଭିଯୋଗ ପ୍ରଦାନ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରବାସରେ ଥିବା କେନ୍ଦ୍ରାପଡ଼ାର ଏହି ଶ୍ରେଣୀର ଯୁବବର୍ଗ ଏବେ ବି ମୃତ୍ୟୁ ଓ ନିର୍ଯାତନାର ସାମ୍ନା କରୁଛନ୍ତି। ଜିଲାରେ କର୍ମନିଯୁକ୍ତି ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ଏପରି ଘଟଣା ନଜରକୁ ଆସୁଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ, ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି, ପ୍ରବାସୀ ଶ୍ରମିକ କମଳାକାନ୍ତଙ୍କ ଏହି ଅକାଳ ବିୟୋଗ ଘଟଣା କେନ୍ଦ୍ରାପଡ଼ା ଜିଲାରେ ନୂଆ ନୁହେଁ। ସେହିପରି ନିର୍ଯାତନା କାହାଣୀ ପ୍ରତିମାସରେ ଶୁଣିବାକୁ ମିଳୁଛି। ଗତ କରୋନା ସଂକ୍ରମଣ କାଳରେ ଜିଲାକୁ ମୋଟ ୫୮,୭୩୭ ଜଣ ପ୍ରବାସୀ ଆସିଥିବା ଜିଲା ଜରୁରୀକାଳୀନ ବିଭାଗରେ ପଞ୍ଜୀକୃତ ହୋଇଛି। ତେବେ ଜିଲାର ୧୫ ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରବାସୀଙ୍କ ସଂଖ୍ୟା ପ୍ରାୟ ୪ ଲକ୍ଷ ହୋଇଥିବା ବେଳେ କରୋନା ସଂକ୍ରମଣକାଳରେ ୨ ଲକ୍ଷରୁ ଅଧିକ ଘରକୁ ଫେରିଛନ୍ତି। ଜିଲାରେ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ନାହିଁ। ସେହିପରି ରାଜ୍ୟର ନଦୀପଥରେ ଦ୍ୱିତୀୟ ବୃହତମ ହୋଇଥିଲେ ମଧ୍ୟ ଜଳ ପରିଚାଳନା ପାଇଁ କୃଷି କ୍ଷେତ୍ର ବିପର୍ଯ୍ୟସ୍ତ ହୋଇଛି। ଜାତୀୟ ଉଦ୍ୟାନ ଓ ରାମସାର ସାଇଟ ଭାବେ ଭିତରକନିକା ମାନ୍ୟତା ପାଇଥିଲେ ମଧ୍ୟ ପର୍ଯ୍ୟଟନ ଶିଳ୍ପ ରୁଗଣ ଅବସ୍ଥାରେ ଅଛି। ସେହିପରି ରାଜ୍ୟ, କେନ୍ଦ୍ର ସରକାରଙ୍କ ଯୋଜନା ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଅଭାବରୁ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏପରିସ୍ଥିତିରେ ଜିଲାର ଯୁବବର୍ଗ ବାଧ୍ୟ ହୋଇ ପ୍ରବାସକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହି ଯୁବବର୍ଗଙ୍କୁ ଶ୍ରମିକ ଦଲାଲ ଅର୍ଥ ପ୍ରଲୋଭନ ଦେଖାଇ ନେଉଥିଲେ ମଧ୍ୟ ଏମାନଙ୍କର ଲାଇସେନ୍ସ ନାହିଁ। ଫଳରେ ପ୍ରବାସରେ ନିର୍ଯାତିତ ଅଥବା ମୃତ୍ୟୁ ହେଲେ ପ୍ରଶାସନ ନିକଟରେ ଖବର ପହଞ୍ଚି ପାରୁନାହିଁ। ଏପରି କି ସରକାରୀ କ୍ଷତିପୂରଣରୁ ଶ୍ରମିକଙ୍କ ପରିବାର ବଞ୍ଚିତ ହେଉଛନ୍ତି। ଗ୍ରାମୱାରୀ ଶ୍ରମିକ ଚିହ୍ନଟକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ପଞ୍ଜୀକୃତ କଲେ ଶ୍ରମିକଙ୍କ ନିର୍ଯାତନା କାହାଣୀ କମିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଶ୍ରମିକଙ୍କ ପଞ୍ଜୀକରଣ ସମ୍ପର୍କରେ ଡିଭିଜିନାଲ ଶ୍ରମ କମିଶନର ମହେଶ୍ୱର ନାୟକ କହିଛନ୍ତି, ଶ୍ରମିକ ଚିହ୍ନଟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଜିଲାର ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକୃତ କରି ବାହାରକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି।

## ଗରିବ ମେଧାବୀ ଛାତ୍ରୀଙ୍କୁ ବିଜୁ ଛାତ୍ର ଜନତାର ସହାୟତା



ଦକ୍ଷିଣପଡ଼ାର ମେଧାବୀ ଛାତ୍ରୀ ମାନସୀଙ୍କ ଘରେ ମହାକାଳପଡ଼ା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ମହାକାଳପଡ଼ା,୨୨।୯ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ଗାଁର ଦକ୍ଷିଣପଡ଼ାର ରାମଚନ୍ଦ୍ର ହେମ୍ବ୍ରମ୍ ଅଭାବୀ ପରିବାର ଅର୍ଥ ବାଧକ ଯୋଗୁ ଝିଅ ମାନସୀ ଉଚ୍ଚଶିକ୍ଷାରୁ ବଞ୍ଚିତ ଶୀର୍ଷକ ଖବର ଧରିତ୍ରୀରେ ପ୍ରସାରିତ ହୋଇଥିଲା। ପରେ ଗୁରୁବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆର୍ଥିକ ସହାୟତାର ହାତ ବଢାଇଛି। ଏହି ଅର୍ଥରେ ମାନସୀ ଯୁକ୍ତ ୩ ବିଜ୍ଞାନରେ ନାମ ଲେଖାଇ ଆଗକୁ ପଢ଼ିବାକୁ ପରିବାର ଲୋକମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଏହି ଅଭାବୀ ପରିବାର ଅର୍ଥ ବାଧକ ଯୋଗୁ ଦୁଇ ଭଉଣୀ ମାନସୀ ଓ ଟୁନିଙ୍କ ପାଠ ପଢା ବନ୍ଦ ରହିଥିଲା। ବାପା ରାମଚନ୍ଦ୍ର ମୂଲ ମଜୁରୀ ଲାଗି ଝିଅଙ୍କୁ ପାଠ ପଢ଼ାଇ ବଡ ମଣିଷ କରି ସମାଜରେ ଭଲ ବାର୍ତ୍ତା ଦେବେ ବୋଲି ଆଶା ରଖିଛନ୍ତି। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଛି, ମାନସୀଙ୍କ ଅଧିକ ଅର୍ଥର ଆବଶ୍ୟକତା ହେଲେ ସମସ୍ୟା ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସହାୟତା ପ୍ରଦାନ ସମୟରେ ବିଜୁ ଛାତ୍ର ଜନତା ଦଳର ହେମନ୍ତ ସାହୁ, ସ୍ମୃତି ରଞ୍ଜନ ପ୍ରଧାନ, ବିମଳ ଦାସ, ଶ୍ରୀମନ୍ତ ପାହାଡି, କାଳନ୍ଦି ସ୍ୱାଇଁ, ଅମର ମଲିକ, ପ୍ରଭାଂସୁ ପରିଡ଼ା, ଜମ୍ବୁ ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ବସୁ ଓ ବଉଳକଣି ପଞ୍ଚାୟତ ସରପଞ୍ଚ ସାଲବେଗ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଚୟନ ହୋଇଥିବା ୨୮୦ଜଣ ନେବେ ତାଲିମ



ନିଯୁକ୍ତି ମେଳାରେ ଯୋଗଦେଇଥିବା ଅତିଥିମାନେ।

**ଆଳି ବ୍ଲକରେ ନିଯୁକ୍ତି ପରାମର୍ଶ ମେଳା**

ଆଳି,୨୨.୯(ଡି. ଏନ. ଏ )

ରାଜ୍ୟ ସରକାର ବେକାର ଯୁବକ ଯୁବତୀଙ୍କୁ କିପରି ନିଜ ଯୋଗ୍ୟତା ଅନୁଯାଇ ତାଲିମ ଦିଆଯାଇ ନିଯୁକ୍ତି ଦିଆଯିବ ସେଥି ନିମନ୍ତେ ବିଭିନ୍ନ ବ୍ଲକରେ ନିଯୁକ୍ତି ପରାମର୍ଶ ମେଳା ଆୟୋଜନ କରୁଛନ୍ତିୟ ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା କର୍ମ ନିୟୋଜନ ବିଭାଗ ପକ୍ଷରୁ ଗୁରୁବାର ଆଳି ବ୍ଲକରେ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଆଳି ପଂଞ୍ଚାୟତ ସମିତି ମନୋରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ସାମଲ ରାଜ୍ୟ ସରକାର ବେକାର ଯୁବକଙ୍କୁ କର୍ମ ନିଯୁକ୍ତି ଦେବା ନିମନ୍ତେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଏଥିରେ ଜିଲା କର୍ମ ନିୟୋଜନ ବିଭାଗର ଅଧିକାରୀ ନିରୋଦ କୁମାର ଜେନା, ଆଳି ପଞ୍ଚାୟତ ସମିତି ଉପାଧକ୍ଷା ମିନତି ବାରିକ, ଜିଲା ପରିଷଦ ସଭ୍ୟ କନକଲତା ବେହେରା, ଭୀଷ୍ମ ମହାନ୍ତି, ସ୍ୱାଗତିକା ରାଉତ, ଜୟରାମ ସାହୁ ଆଳି ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକରିଣୀ କଳ୍ପନା ଧଳ, ବିତ୍ତ ଅଧିକାରୀ ସସ୍ମିତା ଖଟୁଆ ନିଯୁକ୍ତି ଭିତ୍ତିକ ବିଷୟରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଏହି ନିଯୁକ୍ତି ମେଳାରେ ସାମିଲ ହୋଇ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଥିବା କିଛି ଆଲୁମିନ୍ସମାନଙ୍କୁ ମିଶନ ଶକ୍ତିର ଆଳି ବ୍ଲକ ଅଧିକାରିଣୀ ମୋନାଲିସା ନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି ନିଯୁକ୍ତି ମେଳାରେ ୪୨୫ ଜଣ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିବା ବେଳେ ୨୮୦ ଜଣଙ୍କୁ ତାଲିମ ଦେବା ନିମନ୍ତେ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ପ୍ରକାଶ ଦାସ, ଦୀପକ ମହାନ୍ତି, ମନୋରଞ୍ଜନ ପାଇଟଲ, ସୁଜାତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ୩୬ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ପଟ୍ଟାମୁଣ୍ଡାଇ,୨୨।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ପୌରାଞ୍ଚଳ ଅଧୀନ ଚାହାପାଡା ଗ୍ରାମରେ ଚଢାଉ କରାଯାଇ ୩୬ ଗ୍ରାମ ବ୍ରାଉନସୁଗାର, ୧୨.୨୦୦ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୬୦ ହାଜାର ଟଙ୍କା ହେବ। ଏହି ଘଟଣାରେ କୁନା ମଳିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବ୍ରାଉନସୁଗାର କାରବାର ସମ୍ପର୍କରେ ସୂଚନା ପାଇବା ପରେ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ଦେବୀ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଅଧିକାରୀ କମଳ ଲୋଚନ ପାଇକରାଏ, ଓଏସ୍‌ଆଇ ଟୁକୁନା ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଅବକାରୀ ସ୍କ୍ୱାଡ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚାହାପଡା ଗାଁରେ ଚଢାଉ କରିଥିଲା। ଆଇଟିଆଇ ସାମାନା ରାସ୍ତାରେ ବ୍ରାଉନସୁଗାର କାରବାର ଚଳାଇଥିବା ଉକ୍ତ ଗ୍ରାମର କୁନାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁନାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଅବକାରୀ ଥାନା ଅଧିକାରୀ କାଳନ୍ଦୀ ବେହେରା, ଏସ୍‌ଆଇ ନିରୁପମା ସାହୁ, ପ୍ରଶାନ୍ତ ଘଡେଇ, ଦେବକାନ୍ତ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ।

## ସରକାରୀ ଯୋଜନାରେ ପାତରଅନ୍ତର

**ରାଜକନିକା ବ୍ଲକ**

**କଂଗ୍ରେସ ସମର୍ଥିତ ନିର୍ବାଚିତ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ**

ରାଜକନିକା,୨୨।୯(ଡି.ଏନ.ଏ.)

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ରାଜକନିକା ପଞ୍ଚାୟତ ସମିତି ଶାସକ ଦଳର ଇଙ୍ଗିତରେ ପରିଚାଳିତବ ହେଉଥିବା ବେଳେ ସମସ୍ତ ସରକାରୀ ଯୋଜନାକୁ ସାର୍ବଜନୀନ କରିବାକୁ ଗୁରୁବାର ବ୍ଲକ କଂଗ୍ରେସ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସୁଧାର ନ ଆସିଲେ କଂଗ୍ରେସ ସମର୍ଥିତ ଜନ ପ୍ରତିନିଧିମାନେ ପଞ୍ଚାୟତ ସମିତିରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ନବନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ମାର୍ଚ୍ଚରେ ଗଠନ କରାଯାଇଥିବା ପଞ୍ଚାୟତ ସମିତିର ଅଧିବେଶନ ଠିକ୍ ସମୟ ବ୍ୟବଧାନରେ ନ ବସିବା, ଉନ୍ନୟନ ଯୋଜନାକୁ ଶାସକଦଳର ଇଙ୍ଗିତରେ ପରିଚାଳନା କରାଯାଇଛି। ବିଶେଷକରି ଦୁଇବର୍ଷ ଧରି ସାଇଟ୍ ବନ୍ଦ ଥିବା କହି ନୂଆ ରାଶନ କାର୍ଡ କରାଯାଉନାହିଁ। ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ଦ୍ୱାରା ରାଶନ କାର୍ଡ ପ୍ରଦାନରେ ହସ୍ତକ୍ଷେପ କରାଯାଇ କେତେଜଣେ ପ୍ରତିନିଧିଙ୍କ ଅନୁଗ୍ରହରେ ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟ କରୁଛି। ସରକାରୀ ଅଧିକାରୀମାନଙ୍କୁ ଧମକଚମକ ଦେଇ ବ୍ଲକ ପରିସର ମଧ୍ୟରେ ମାଡ ମାରି ଆତଙ୍କ ଖେଳାଇ କାମକୁ ବାଧା ଦିଆଯାଉଛି। ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଏସବୁର ଅଭିଯୋଗ ଅଛି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଶାସକଦଳ ସମର୍ଥନରେ ନ ଥିବା ସରପଞ୍ଚ, ସମିତିସଭ୍ୟମାନଙ୍କୁ ଧମକ ଦେଇ କେତେଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ବିଭିନ୍ନ ଯୋଜନାର ରୂପାୟନରେ ବାଧା ଦେବା, ବ୍ଲକସ୍ତରକୁ କୌଣସି ଆପତ୍ତି ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ହଇରାଣ କରୁଥିବା ଏକ ଗୋଷ୍ଠୀ ବିରୋଧରେ ବ୍ଲକ କଂଗ୍ରେସ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି। ଚାଲି ଆସିଥିବା ଏହି ଅନିୟମିତତା, ଅରାଜକତା, ଆତଙ୍କର ଅବସାନ ନ ଘଟିଲେ ବାଧ୍ୟ ହୋଇ ଜନସାଧାରଣଙ୍କ ପାଇଁ ବ୍ଲକ କଂଗ୍ରେସ ଆନ୍ଦୋଳନ କରିବାକୁ ଚେତାଇ ଦେଇଛି। ନବ ନିଯୁକ୍ତ ପିସିସି ସଦସ୍ୟ ତଥା ଦେଉଳତରା ପଞ୍ଚାୟତର ସମିତିସଭ୍ୟ ବାବୁରାମ ଜେନାଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଯୁବ କଂଗ୍ରେସ ସଭାପତି କ୍ଷୀରୋଦ କୁମାର ବେହୁରିଆ, ଜିଲା ଯୁବ କଂଗ୍ରେସ ମୁଖପାତ୍ର ସତ୍ୟ ପରିଡା, ଜୋନ ସଭାପତି ଶରତ ରାଉତ, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ପ୍ରଦୀପ ଦାସ, ଗଙ୍ଗାଧର ବେହେରା, ଗୀତାଞ୍ଜଳି ସେଠୀ, ଦୁଷ୍ମନ୍ତ ବେହେରା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଶର୍ମିଷ୍ଠା ଦାସ, ଅମିତ କୁମାର ନାୟକ, ଅଞ୍ଜନା ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ବିଡିଓଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମିଶନ ଶକ୍ତି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୟାଣ୍ଟିନ

ମହାକାଳପଡ଼ା,୨୨।୯(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ଲକ ମିଶନ ଶକ୍ତି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାଣ୍ଟିନ ଗୁରୁବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ରାଉତ ଓ ବିଡିଓ ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ୟାଣ୍ଟିନରେ ସମସ୍ତ ଖାଦ୍ୟ, ଜଳଖିଆ ଓ ମିଲ୍ ସୁଲଭ ମୂଲ୍ୟରେ ମିଳିପାରିବ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ, କର୍ମଚାରୀ, ବ୍ଲକ କର୍ମଚାରୀ ଅନ୍ୟ ଲୋକମାନେ ଏହି ସୁବିଧା ପାଇପାରିବେ ବୋଲି ମିଶନ ଶକ୍ତି ପକ୍ଷରୁ କୁହାଯାଇଛି। ଏହାର ପରିଚାଳନା ଦାୟିତ୍ୱରେ ମହାକାଳପଡ଼ା ସତ୍ୟ ସାଇ ମହିଳା ଗୋଷ୍ଠୀ ସଦସ୍ୟମାନେ ନେଇଥିବା ବ୍ଲକ ମିଶନ ଶକ୍ତି ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ବିଜୟ କୁମାର ଶୁକ୍ଲା, ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭରପ୍ରାପ୍ତ ଡା. ନିରଞ୍ଜନ କର , ବ୍ଲକ ସହକାରୀ ଯନ୍ତ୍ରୀ ସ୍ମୃତିରେଖା ଖଟୁଆ, ସରପଞ୍ଚ ରତିକାନ୍ତ ପଣ୍ଡା, ବ୍ଲକ ସିଡିପିଓ କବିତା ମଲିକ, କନିଷ୍ଠଯନ୍ତ୍ରୀ ମନୋଜ କୁମାର ଜେନା, ସାମାଜିକ କର୍ମୀ ସରୋଜ କୁମାର ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହାକୁ ବ୍ଲକ ମିଶନ ଶକ୍ତି ପ୍ରୋଜେକ୍ଟ କୋର୍ଡିନେଟର ମନିସା ବାରିକ ଓ ବ୍ଲକ ୱେଲେମ୍ ସମ୍ପୂର୍ଣ୍ଣା ପତି ପରିଚାଳନା କରିଥିଲେ।



ଅତିଥିମାନେ ବ୍ଲକ ସଂଲଗ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଶନ ଶକ୍ତି କାଣ୍ଟିନ ଗୃହକୁ ଉଦ୍‌ଘାଟନ କରୁଛନ୍ତି।

## ଅବଧି ଶେଷ, ହେଲାନି ରାସ୍ତା କାମ

ଡେରାବିଶ, ୨୨।୯(ସ୍ୱ.ପ୍ର.)



ଅନୁଆପଡ଼ା–ଗିରିଗୋଲା ରାସ୍ତା ନିର୍ମାଣ ନ ହୋଇ ପଡିଛି।



ଶିଳାନ୍ୟାସ ଉତ୍ସବରେ ଲଗାଯାଇଥିବା ଫଳକ।

**ଅନୁଆପଡ଼ା-ଗିରିଗୋଲା ରାସ୍ତା**

**କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ବେପରୁଆ ନୀତି**

ଡେରାବିଶ ବ୍ଲକ ଅଧୀନ କଟକ–ଚାନ୍ଦବାଲି ରାସ୍ତାର ଅନୁଆପଡ଼ା ଛକଠାରୁ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଗିରିଗୋଲା ଯାଏ ରାସ୍ତାଟି ବ୍ଲକ ଅଞ୍ଚଳର ଅନ୍ୟତମ ମୁଖ୍ୟ ରାସ୍ତା। ୭ କି.ମି.ରୁ ଊର୍ଦ୍ଧ୍ୱ ଏହି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଦାବି ଫଳରେ ୨୦୨୧ ଡିସେମ୍ବର ୨୧ରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ଏହାର ଶିଳାନ୍ୟାସ କରାଯାଇଥିଲା। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨କୋଟି ୩୯ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୭.୨୭୧ କି.ମି. ଲମ୍ବର ଏହି ରାସ୍ତା କାର୍ଯ୍ୟ ପାଇଁ ଜଣେ ଠିକାଦାରଙ୍କୁ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାର୍ଯ୍ୟ ଗିରିଗୋଲାଠାରୁ ଦାନପୁର ଯାଏ ରାସ୍ତାର ପ୍ରଶସ୍ତିକରଣ କରିବା ଉଦ୍ଦେଶ୍ୟରେ ପାର୍ଶ୍ୱରେ ଥିବା ଶତାଧିକ ସଂଖ୍ୟାରେ ମୂଲ୍ୟବାନ ଗଛକୁ ଠିକାଦାର ଜଣକ କାଟି ସଫା କରି ଦେଇଥିଲେ। ତେବେ ରାସ୍ତା ନିର୍ମାଣ ନ ହୋଇ କେବଳ ଗଛକଟାରେ ରାସ୍ତା କାର୍ଯ୍ୟ ବନ୍ଦ ହୋଇ ରହିଛି। ଠିକାଦାରଙ୍କ ଚୁକ୍ତି ଅନୁସାରେ, ରାସ୍ତା ନିର୍ମାଣର ଅବଧି ୨୦୨୨ ଅଗଷ୍ଟ ୧୦ରେ ଶେଷ ହୋଇଥିଲେ ମଧ୍ୟ ଅଧାପାନ୍ତରିଆ ଅବସ୍ଥାରେ ଏହି ରାସ୍ତାଟି ପଡ଼ିରହିଛି। ଏହି ରାସ୍ତା ପାଇଁ ବ୍ୟୟ ବରାଦ ହୋଇଥିବା ଟଙ୍କା ଅନ୍ୟତ୍ର ଖର୍ଚ୍ଚ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଛି ବୋଲି ଭାଜପା ନେତା ବିଭୁଦେନ୍ଦୁ ପଣ୍ଡା କହିଛନ୍ତି। କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀଙ୍କ ବେପରୁଆ ମନୋଭାବ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବ୍ଲକ ଅଧୀନ ୩ ଟି ପଞ୍ଚାୟତ ସମେତ ଏହି ରାସ୍ତା ଦେଇ ଗରଦପୁର ବ୍ଲକ ଓ କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳକୁ ଯାତାୟାତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅବଧି ସରିଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ କ'ଣ ପାଇଁ ବନ୍ଦ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ ନାୟକଙ୍କୁ ପଚାରିବାରେ, ଏହି କାର୍ଯ୍ୟ କ'ଣ ପାଇଁ ବନ୍ଦ ରହିଛି ତାହା ଅନୁଧ୍ୟାନ ପରେ ଜଣାପଡିବ ବୋଲି ସେ କହିଛନ୍ତି।

# ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର

**ବିଶ୍ୱାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ୮ ଶ୍ରେଣୀକୁ ୫ ଶିକ୍ଷୟିତ୍ରୀ, ଶିକ୍ଷକ
- ୨୧୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି
- ଜଣେ ଲେଖାଏ ଶିକ୍ଷକ ପାଳିକରି ସବୁ ବିଷୟ ପଢ଼ାଉଛନ୍ତି

ପାରାଦୀପ,୨୨ା୯(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ଛାତ୍ରୀଛାତ୍ରମାନେ ତାଲା ପକାଇ ବିରୋଧ କରିଛନ୍ତି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୨୧୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଏଥିଯୋଗୁ ପାଠପଢା ଠିକ୍ ଭାବେ ହୋଇପାରୁନାହିଁ ବୋଲି ଛାତ୍ରୀ ଲକ୍ଷ୍ମୀପ୍ରିୟା ସାମଲ ଅଭିଯୋଗ କରିଛନ୍ତି। ଏଥିପାଇଁ ଆମେ ସ୍କୁଲ ଗେଟ ବନ୍ଦ କରି ପ୍ରତିବାଦ କରିଛୁ ବୋଲି ସେ କହିଛନ୍ତି। ଅନ୍ୟତମ ଛାତ୍ର ଅଂଶୁମାନ୍ ପ୍ରହରାଜ କୁହନ୍ତି, ଦୁଇବର୍ଷ ହେଲା ଜଣେ ଲେଖାଏ ଶିକ୍ଷକ ପାଳିକରି ସବୁ ବିଷୟ ପଢ଼ାଉଛନ୍ତି। ଫଳରେ ଆମର ସବୁ ବିଷୟ ପଢାଯାଇ ପାରୁନାହିଁ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନୃସିଂହ ଚରଣ ସାମଲ କୁହନ୍ତି, ପିଲାମାନଙ୍କର ଏହି ଦାବି ଯଥାର୍ଥ। ଆମେ ଏ ସମ୍ପର୍କରେ ଅନେକ ଥର ଲେଖିଲୁଣି, ମାତ୍ର କେହି ଶୁଣୁନାହାନ୍ତି। ଏବେ ଆମେ ପିଲାଙ୍କୁ ବୁଝାଇ ଘରକୁ ନେଉଛୁ। ଶିକ୍ଷା ବିଭାଗ ଯଦି ଆସନ୍ତା ସପ୍ତାହକ ମଧ୍ୟରେ ଏନେଇ କିଛି ପଦକ୍ଷେପ ନ ନିଅନ୍ତି ତା'ହେଲେ ଅଭିଭାବକଙ୍କ ସହ ରାଜପଥ ଅବରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଆରସିସି ପ୍ରସନ୍ନ କୁମାର ସେଠୀ କୁହନ୍ତି, ଏ ପ୍ରସଙ୍ଗରେ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଦୁଇଜଣ ଶିକ୍ଷକ ପଠାଯିବ ବୋଲି ସେମାନେ ଆଶ୍ୱାସନା ଦେଇଛନ୍ତି।



ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ବରାହୀ ବେଶ



ନାଉଗାଁ,୨୨ା୯(ସ୍ୱ.ପ୍ର): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାମ୍ଭୋସ୍ଥିତ ସିଦ୍ଧି ଶ୍ରୀକ୍ଷେତ୍ର ଆଶ୍ରମରେ ଗୁରୁବାର ମା'ସିଦ୍ଧିଦାତ୍ରୀଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜାର ୫ମ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ବରାହୀ ବେଶରେ ସୁସଜ୍ଜିତ କରାଯାଇଥିଲା। ମା'ଙ୍କ ବେଶ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ଗରମ ଚା' ଫିଙ୍ଗିବା ଘଟଣା: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବାଲିକୁଦା,୨୨ା୯(ସ୍ୱ.ପ୍ର.): ସାମାନ୍ୟ ବଚସାରୁ ଗରମ ଚା' ଫିଙ୍ଗିବା ଅଭିଯୋଗରେ ଅଭିଯୁକ୍ତ ଚା'ଦୋକାନୀ ସୁକାନ୍ତ ଦାସଙ୍କୁ ବାଲିକୁଦା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଲିକୁଦା ଥାନା ଅନ୍ତର୍ଗତ କଂସାରୀକୁଦ ଗ୍ରାମର ସୁକାନ୍ତ ମଲ୍ଲିକ ସେପ୍ଟେମ୍ବର ୨୦ରେ ଦାସଙ୍କ ଚା' ଦୋକାନକୁ ଆସିଥିଲେ। ସେଠାରେ ଚା' ପିଇବା ପରେ ମଲ୍ଲିକ ତାଙ୍କ ମୋବାଇଲ ଦୋକାନରେ ଛାଡ଼ି ଚାଲିଆସିଥିଲେ। କିଛି ସମୟ ପରେ ମୋବାଇଲ ନ ଥିବା ଜାଣିବା ପରେ ସେ ଦୋକାନରେ ପହଞ୍ଚି ମୋବାଇଲ ମାଗିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଦାସ ଉତ୍‌କ୍ଷିପ୍ତ ହୋଇ ମଲ୍ଲିକଙ୍କ ଉପରକୁ ଗରମ ଚା' ଫିଙ୍ଗି ଦେଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଏନେଇ ମଲ୍ଲିକ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୪୧୪/୨୨) ରୁଜୁ କରିଛି।

### ମାଛଗାଁ କେନାଲରୁ ମୃତଦେହ ଜବତ

ବିରିଡି,୨୨ା୯(ଡି.ଏନ.ଏ.): ବିରିଡ଼ି ଥାନା ଅନ୍ତର୍ଗତ ବ୍ଲକ କାର୍ଯ୍ୟାଳୟର ପଛପାର୍ଶ୍ୱରେ ଥିବା ମାଛଗାଁ କେନାଲ ପୋଲ ନିକଟରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଅରଣା ଗ୍ରାମର ଧନେଶ୍ୱର ବେହେରା (୪୮)। ସେ କଇଜଙ୍ଗାରେ ଥିବା ଶ୍ୱଶୁର ଘରେ ରହୁଥିଲେ। ବୁଧବାର କନ୍ଦରପୁର ଥାନା ଅନ୍ତର୍ଗତ କୁଲେଇଶୁଣି ନିକଟ ମାଛଗାଁ କେନାଲ ପୋଲ ବାଡ଼ାରେ ବେଳା ବସିଥିବାବେଳେ ପାଣିରେ ଖସି ପଡ଼ିଥିଲେ। ବହୁ ଖୋଜାଖୋଜି ପରେ ବି ତାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ କେନାଲ ପୋଲ ନିକଟରୁ ଧନେଶ୍ୱରଙ୍କ ମୃତଦେହ ଭାସୁଥବା ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥଲେ। ପୋଲିସ ମୃତଦେହ ଜବତ ପରେ ଅପମୃତ୍ୟୁ ମାମଲା (ନଂ.୫/୨୨) ରୁଜୁ କରିଛି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୩୨୬ ନାମ ପଞ୍ଜୀକୃତ

କୁଜଙ୍ଗ,୨୨ା୯(ଡି.ଏନ.ଏ)

କୁଜଙ୍ଗ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଗୁରୁବାର ବିବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହିଳା ଓ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ତନୁପ୍ରଭା ବେଉରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପୋତାନଈ ସରପଞ୍ଚ ସରୋଜ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ମୋଟ ୩୨୬ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ନାମ ପଞ୍ଜିକୃତ କରିଥିଲେ।। ଅସ୍ଥିଶଲ୍ୟ ବିଭାଗରେ ୧୭୮ ମାନସିକ ବିଭାଗରେ ୭୭ଜଣ, ଚକ୍ଷୁ ସମସ୍ୟା ପାଇଁ ୩୫, ଶ୍ରବଣ ସମସ୍ୟା ପାଇଁ ୯, ଥାଲାସେମିଆ ରୋଗ ପାଇଁ ୨ ଜଣ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦୧ ଜଣଙ୍କୁ ପ୍ରମାଣପତ୍ର ଦେବା ପାଇଁ ମନୋନୀତ କରାଯାଇଥିବାବେଳେ ୨୫ ଜଣଙ୍କ ଦରଖାସ୍ତ ନାକଚ ହୋଇଥିଲା। ଉକ୍ତ ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଏବଂ ମହିଳା ଓ ଶିଶୁ ବିକାଶ କର୍ମଚାରୀମାନେ ପରିଚାଳନା କରିଥିଲେ।

# କନ୍ଦ ଚାଷ ଉପରେ ପ୍ରଶିକ୍ଷଣ

ରସୁଲପୁର,୨୨ା୯(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରୀ ଗ୍ରାମରେ କୃଷି ବୈଜ୍ଞାନିକଙ୍କ ସମାଗମ ହୋଇଛି। ଏଠାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବୈଜ୍ଞାନିକମାନେ ଚାଷୀଙ୍କ କ୍ଷେତରେ ପହଞ୍ଚି ମାଟିର ଗୁଣବତ୍ତା ଓ ଫସଲ ଉତ୍ପାଦନ କ୍ଷମତା ନିରୀକ୍ଷଣ କରିଛନ୍ତି। ଉର୍ବର ଦୋରସା ମାଟିରେ କନ୍ଦ ଚାଷ କଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ବୈଜ୍ଞାନିକମାନେ କହିଛନ୍ତି। କନ୍ଦ, ମୂଳା, କନ୍ଦମୂଳ, ଗାଜର, ସାକର କନ୍ଦ, ମାଟିଆଳୁ, ବିଟ୍ ଆଦି ଫସଲ ଚାଷକରି ଚାଷୀ କିପରି ଲାଭବାନ ହୋଇପାରିବେ ସେ ଦିଗରେ ଚାଷୀଙ୍କୁ ବୁଝାଇଛନ୍ତି। ଏହି ଅବସରରେ ଗାଁରେ ଅନୁଷ୍ଠିତ ଏକ ଚାଷୀ ପ୍ରଶିକ୍ଷଣ ଶିବିର କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣାର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡା. ସୁନୀଲ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସମ୍ମଳ ଅଧିକାରୀ ଭାବେ କେନ୍ଦ୍ରୀୟ କନ୍ଦ ଗବେଷଣା କେନ୍ଦ୍ର ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡ. ଏମ୍. ନେଦୁମ ଚେଜିୟାନ, ବରିଷ୍ଠ ବୈଜ୍ଞାନିକ ଡ. କାଳିଦାସ ପତି, ମାଟି ଫାର୍ମ-କଟକର ପରିଚାଳନା ନିର୍ଦ୍ଦେଶକ ସଂଯୋଗ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷଣ ଅଧିକାରୀ ବୈଜ୍ଞାନିକ ଡ. ବିଜୟ କୁମାର ରାଉତରାୟ, ମୃତ୍ତିକା ବିଭାଗ ବୈଜ୍ଞାନିକ ଡ. ସୁଭାଶିଷ ଦାଶ ପ୍ରମୁଖ କନ୍ଦ ଚାଷର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଆଲୋଚନାରେ ଭାଗ ନେଇଥିଲେ।




ଶିବିରରେ ଯୋଗ ଦେଇଥିବା ଚାଷୀ ଓ ବୈଜ୍ଞାନିକମାନେ।

### ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରସ୍ତୁତି ପାଇଁ ତାଲିମ

ବିରିଡି,୨୨ା୯ (ଡି.ଏନ.ଏ)

ବିରିଡି ବ୍ଲକ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗୁରୁବାର ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଦକ୍ଷ ନଥିପତ୍ର ପରିଚାଳିକା ଓ ଗୋଷ୍ଠୀ ସହାୟିକାଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସରପଞ୍ଚ ଆରତି ଭୂୟାଁ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତି ସଭ୍ୟ ସନ୍ତୋଷ ନାୟକ ସାମିଲ ହୋଇଥିଲେ। ପ୍ରଶିକ୍ଷକ ଭାବେ ଅଜୟ କୁମାର ପଲେଇ ଓ ଜୀବିକା ସଂଯୋଜିକା ଦୀପ୍ତିମୟୀ ଦାଶ ଯୋଗଦେଇଥିଲେ। ଏହି ଅବସରରେ ୩ ପଞ୍ଚାୟତର ୩୦ ଜଣ ଦକ୍ଷ ନଥିପତ୍ର ପରିଚାଳିକା ଓ ଗୋଷ୍ଠୀ ସହାୟିକାଙ୍କୁ ତାଲିମ୍ ଦିଆଯାଇଥିଲା। ମହାସଂଘ ସ୍ତରରେ କାର୍ଯ୍ୟରତ ଦକ୍ଷ ନଥିପତ୍ର ପରିଚାଳିକା ଓ ଗୋଷ୍ଠୀ ସହାୟିକା, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ମହାସଂଘ ସଦସ୍ୟାମାନଙ୍କ ଦକ୍ଷତା ବଢାଇବା ଏବଂ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରସ୍ତୁତ କରିବା ଉପରେ ତାଲିମ୍ ଦିଆଯାଇଥିଲା। ଏହି ଯୋଜନା ପ୍ରସ୍ତୁତ କରିବାରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ଓ ସହଭାଗିତା ଜରୁରୀ ବୋଲି ପ୍ରଶିକ୍ଷକ ପଲେଇ ପ୍ରକାଶ କରିଥିଲେ। ସେହିପରି ପୁରଣ ପଞ୍ଚାୟତ ସଭାଗୃହରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ବେହେରା, ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ ଉଦ୍‌ଘାଟନ କରିଥିଲେ। ଶିବିରରେ ୪ ପଞ୍ଚାୟତର ୩୬ ଜଣ ଦକ୍ଷ ନଥିପତ୍ର ପରିଚାଳିକା ଓ ଗୋଷ୍ଠୀ ସହାୟିକା ଯୋଗଦେଇଥିଲେ। ପ୍ରଶିକ୍ଷକଭାବେ ଶୁଭ ନାରାୟଣ ମିଶ୍ର, ବ୍ଲକ ଜୀବିକା ସଂଯୋଜିକା ସସ୍ମିତା ବରାଳ ଯୋଗଦେଇ ଥିଲେ।

### ବଜ୍ରକାପ୍ତା ଉଦ୍ଧାର

ରଘୁନାଥପୁର, ୨୨ା୯ (ଡି.ଏନ୍.ଏ.)



ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ନିକଟ ସିରଲୋସ୍ଥିତ ନୂଆଗାଁର ଅଫସର ଅଲ୍ଲୀଙ୍କ ବାଡ଼ି ପଛପଟୁ ଏକ ବିରଳ ୧୨ କେଜି ଓଜନର ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ବଜ୍ରକାପ୍ତାଟି ଏକ ଜାଲି ଦେହରେ ଲାଗି ରହିଥିଲା। ଅଫସର ଜାଲିକୁ କାଟି ବଜ୍ରକାପ୍ତାଟିକୁ ଉଦ୍ଧାର କରିବା ସହ ବନବିଭାଗକୁ ଖବର ଦେଇଥିଲେ। ଏହାପରେ କଟକ ବନବିଭାଗ କର୍ମଚାରୀ ପହଞ୍ଚି ବଜ୍ରକାପ୍ତାଟିକୁ ଏକ ବସ୍ତାରେ ପୂରାଇ ନେଇଯାଇଥିଲେ।

### ୨୭ରେ ପହଞ୍ଚିବ ଅହିଂସା ରଥ

ବିରିଡି,୨୨ା୯ (ଡି.ଏନ.ଏ)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଓ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅହିଂସା ରଥ ପରିକ୍ରମା ଅଭିଯାନ ଆରମ୍ଭ ହୋଇଛି। ଏହି ରଥ ଆସନ୍ତା ୨୭ରେ ବିରିଡ଼ି ବ୍ଲକର ତରିକୁନ୍ଦ ବଜାରରେ ପହଞ୍ଚିବ। ଏହି ରଥକୁ ସ୍ୱାଗତ କରିବା ନିମନ୍ତେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଆୟୋଜିତ ଏହି ବୈଠକରେ ବିଡିଓ ହେମନ୍ତ କୁମାର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ଦୀପ୍ତିମୟୀ ରାୟ, ତହସିଲଦାର ସହଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ମହାନ୍ତ ବୈଠକରେ କହିଥିଲେ, ରଥ ପ୍ରଥମେ ତରିକୁନ୍ଦ ପରେ ବାଗଲପୁର, ପୁରଣ ହାଟ, ବତିମିରା , ହଳଦିଆ ପଡା ଗାଁରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବ। ସେଠାରେ ଥିବା ଏସଏଚଜି ସଦସ୍ୟାମାନେ ସ୍ୱାଗତ ସମ୍ବର୍ଦ୍ଧନା କରିବାର କାର୍ଯ୍ୟକ୍ରମ ରହିଛି। ରାତିରେ ପଞ୍ଚାୟତିରାଜ ହାଇସ୍କୁଲ ଚାନ୍ଦପୁରରେ ରଥ ରହିବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ପରଦିନ କଇଜଙ୍ଗା ଠାରେ ରଥକୁ ଦିନ ୯ଟାରେ ବିଦାୟ ସମ୍ବର୍ଦ୍ଧନା ଦିଆଯିବ ବୋଲି ବିଡିଓ ମହାନ୍ତ ସୂଚନା ପ୍ରଦାନ କରିଥିଲେ। ତେଣୁ ସମ୍ବର୍ଦ୍ଧନା ସ୍ଥଳରେ ସମସ୍ତେ ଉପସ୍ଥିତ ରହିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ରାୟ ଧନ୍ୟ ବାଦ ଦେଇଥିଲେ।

### ଗାଁକୁ ଗଡ଼ିଲା ସ୍ୱଚ୍ଛତା ରଥ



ବିଡିଓ ପତାକା ଦେଖାଇ ସ୍ୱଚ୍ଛତା ରଥ ଉଦ୍‌ଘାଟନ କରୁଛନ୍ତି।

ରଘୁନାଥପୁର,୨୨ା୯(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକରେ ଗୁରୁବାର ପଞ୍ଚାୟତିରାଜ ଓ ଗ୍ରାମ ଜଳପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛତା ରଥ ଶୁଭାରମ୍ଭ ହୋଇଛି। ଗାଁକୁ ଗାଁ ବୁଲି ଏହି ରଥ ପରିବେଶ ସୁରକ୍ଷା ପାଇଁ ପରିଷ୍କାର ପରିଚ୍ଛନ୍ନତା, ବାହାରେ ଖୋଲା ମଳତ୍ୟାଗ ନକରିବା ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିଛି। ଏନେଇ ଛକ ବଜାରରେ ଡାକବାଜି ଯନ୍ତ୍ର ଦ୍ୱାରା ସଙ୍ଗୀତ ମାଧ୍ୟମରେ ଏହି କାର୍ଯ୍ୟକ୍ରମକରାଯାଇଥିଲା। ବ୍ଲକ ସଂଯୋଜିକା ଇତିସ୍ମିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଡିଓ ଲମ୍ବୋଦର ଖୁଣ୍ଟିଆ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏବିଡିଓ ଅଶୋକ ମହାନ୍ତି, ସହକାରୀ ଯନ୍ତ୍ରୀ ଅମୀୟଚାନ୍ଦ ମଲ୍ଲିକ, ବିଜୟ କୁମାର ମଲ୍ଲିକ, ଯନ୍ତ୍ରୀ ମନରଞ୍ଜନ ଦେହୁରୀ, ସାମାଜିକକର୍ମୀ ରହିମ ଖାଁ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଓ ଅନ୍ୟ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପାଠପଢ଼ି ଭଲ ମଣିଷ ହୁଅ



ଅତିଥିମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବାଲିଆ, ୨୨ା୯ (ସ୍ୱ.ପ୍ର.)

ବିରିଡି ବ୍ଲକ ଅନ୍ତର୍ଗତ ଅଳକା ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପ୍ରତିଷ୍ଠାତା ସ୍ୱର୍ଗତ ଗିରିଧାରୀ ମହାନ୍ତିଙ୍କ ୧୦୫ ତମ ଜନ୍ମ ଶତବାର୍ଷିକୀ ଅଳକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମୃତି କମିଟି ତରଫରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ପୂର୍ବତନ ଛାତ୍ର ଏବଂ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ଡା. ପ୍ରସନ୍ନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଜସ୍ମିନ ମହାନ୍ତିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଉପଢୌକନ ସହ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ବୈଠକରେ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ଇଂ. ଅତୁଲ କୁମାର ମହାନ୍ତି, ପୁରାତନ ଛାତ୍ର ବସନ୍ତ ସାହୁ, ନନ୍ଦ କିଶୋର ହୋତା, ପ୍ରମୋଦ କୁମାର ହୋତା, ବାବାଜି ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲ ଶିକ୍ଷକ ସରେନ୍ଦ୍ର ନାଥ ଦାସ ଧନ୍ୟବାଦ ଦେଇଥିଲେ।

# ନବମୀରେ କାଳିକା ନୃତ୍ୟ, ଦଶମୀରେ ଦହି ପଖାଳ

ଜଗତ୍‌ସିଂହପୁର ଅଫିସ, ୨୨ା୯




ପାଖେଇ ଆସୁଛି ଦୁର୍ଗା ପୂଜା। ଏ ନେଇ ଜଗତ୍‌ସିଂହପୁର ସହରରେ ପାର୍ବଣର ମାହୋଲ ଅନୁଭବ ହେଲାଣି। ବିଭିନ୍ନ ପୂଜା କମିଟି ଓ କ୍ଲବ ପକ୍ଷରୁ ପୂଜା କିପରି ଅଧିକ ଆକର୍ଷଣୀୟ ହୋଇପାରିବ, ସେନେଇ ତତ୍ପରତା ପ୍ରକାଶ ପାଇଛି। ବିଶେଷକରି ମୂର୍ତ୍ତି ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ବିଗତବର୍ଷଗୁଡିକ ପରି ଚଳିତବର୍ଷ ମଧ୍ୟ ମେଢ, ଆଲୋକ ସାଜସଜ୍ଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦିଆଯାଉଛି। ଏ ବର୍ଷ ଜଗତ୍‌ସିଂହପୁରର ମା' ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ପୂର୍ବବର୍ଷ ପରି ମହିଷାସୁର ବଧ କରାଯିବ। ଗତଥର ମେଢ଼ରେ ମହିଷାସୁରଙ୍କୁ ମା'ପାଦରେ ଦଳି ନିଧନ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଥର ମା'ଉଡି କରି ବଧ କରୁଥିବା ଦେଖିବାକୁ ମିଳିବ। ମୁଖ୍ୟତଃ ନବମୀରେ କାଳିକା ନୃତ୍ୟ ଓ ଦଶମୀରେ ଦହି ପଖାଳ ପ୍ରସାଦ ପାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ଏଥିସହ ଭସାଣି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟର ଅନେକ ସ୍ଥାନରେ ଦୁର୍ଗା ପୂଜା ଶୈବ ଉପାସନାରେ ହୁଏ। କିନ୍ତୁ ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ଦୁର୍ଗାମାଧବ ଉପାସନାରେ ପୂଜା ହେଉଛି, ଯାହାକି ସ୍ୱତନ୍ତ୍ର। କମିଟି ପକ୍ଷରୁ ଏଥରକୁ ମିଶାଇ ଏହି ପୂଜା ୧୬ ବର୍ଷରେ ପହଞ୍ଚିବ। ଏଥିମଧ୍ୟରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥର କଟକରୁ କାରିଗର ଆସି ମା'ଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏ ବର୍ଷ ମହିଷାସୁର ବଧ ଦେଖିବାକୁ ବିଗତବର୍ଷ ପରି ଭିଡ ରହିବ ବୋଲି ଆଶା କରାଯାଉଛି। ଏଥିସହ ପେଚା ଉପରେ ଲକ୍ଷ୍ମୀ, ହଂସ ଉପରେ ସରସ୍ୱତୀ, ମୟୂର ଉପରେ କାର୍ତ୍ତିକ ଏବଂ ମୂଷା ଉପରେ ଗଣେଶଙ୍କ ଅବସ୍ଥାନ ଦେଖିବାକୁ ମିଳିବ। ମେଢ଼ ମଧ୍ୟ ସୁନ୍ଦର ଓ ସୁଉଚ୍ଚ କରାଯାଇଛି। ଏଥିସହ ବିଭିନ୍ନ ପ୍ରକାର ବାଦ୍ୟରୋଳ ଓ ଆଲୋକ ସଜ୍ଜାରେ ମଣ୍ଡପ ଶୋଭା ପାଇବ। ପ୍ରତ୍ୟେକ ଦିନ ମା'ଙ୍କ ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ, ପ୍ରାତଃ ଆଳତି, ଅନ୍ନ ନୀତି, ଓ ଅପରାହ୍ନରେ ସନ୍ଧ୍ୟା ଆଳତି ଏବଂ ଅନ୍ୟାନ୍ୟ ରୀତିନୀତି କରାଯିବ। ମହାଷ୍ଟମୀରେ ସନ୍ଧିପୂଜା ଓ ବଳି ଦିଆଯିବ। ନବମୀରେ ମା'ଙ୍କ କାଳିକା ନୃତ୍ୟ ଅନୁଷ୍ଠିତ ହେବ। ଦଶମୀରେ ମା'ଙ୍କ ଅପରାଜିତା ପୂଜା ବିଶେଷ ଆକର୍ଷଣ ସୃଷ୍ଟି କରିବ। ଦହିପଖାଳ ଭୋଗ ଲାଗି କରାଯିବା ପରେ ମା'ଙ୍କ ଘଟ ବିସର୍ଜନ ହେବ। ବିଜୟା ଦଶମୀ ଦିନ ମା'ଙ୍କୁ ଦର୍ଶନ କରିବାକୁ ଆସିଥିବା ଭକ୍ତମାନଙ୍କୁ ଦହି ପଖାଳ ଦିଆଯିବ। ୨ ବର୍ଷ ହେବ କୋଭିଡ୍ କଟକଣା ପାଇଁ ଭସାଣି ଉତ୍ସବ ହୋଇପାରି ନ ଥିଲା।



" ମା'ଙ୍କ କୃପାରୁ ଶାନ୍ତିଶୃଙ୍ଖଳାର ସହ ଭକ୍ତିମୟ ପରିବେଶରେ ପ୍ରତିବର୍ଷ ଏହି ପୂଜା ହୋଇଆସୁଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଙ୍କ ଏଥିରେ ସହଯୋଗ ରହିଛି। ବିଶେଷକରି ସାନବଜାରର ପାଖାପାଖି ୪୫୦ ବ୍ୟବସାୟୀ ଓ ଦେଉଳୀ ଗ୍ରାମେଶ୍ୱର ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଯୋଗୁ ପ୍ରତିବର୍ଷ ପୂଜା ଭଲ ଭାବେ ହୋଇପାରୁଛି। ଆଶା ଏ ବର୍ଷ ମଧ ପୂଜା ଭଲରେ ହେବ।

**- ରାଜକିଶୋର ଖଟୁଆ, ସଭାପତି**



" ପୁରୀ ଜିଲା ଅନ୍ତର୍ଗତ ଶାନ୍ତିଆନନ୍ଦା ଆଶ୍ରମର ଅଧିଷ୍ଠାତ୍ରୀ ଦେବୀ ମା'ପୂର୍ଣ୍ଣମାସୀ ଜଗତ୍‌ସିଂହପୁର ବସ୍‌ଷ୍ଟାଣ୍ଡରେ ପୂଜା ପାଇ ଆସୁଛନ୍ତି। ମା'ଙ୍କ ପୂଜାପାଠ ଆଦି କାର୍ଯ୍ୟକ୍ରମ କମିଟି କରି ଆସୁଛି। ନବମୀରେ କାଳିକା ନୃତ୍ୟ ଓ ଦଶହରା ଦିନ ମା'ଙ୍କ ଦହି ପଖାଳ ପାଇଁ ଭକ୍ତଙ୍କ ଭିଡ ଜମିଥାଏ।

**-ପ୍ରଫୁଲ୍ଲ କୁମାର ଦୁବେ, ସମ୍ପାଦକ**



" ସୁନା, ଚାନ୍ଦିର ଅଳଙ୍କାର ନ ଥିଲେ ମଧ ଭକ୍ତି ଭାବରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ପୂଜାରେ ଯେମିତି କିଛି ତ୍ରୁଟି ନ ଘଟୁ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଏ। ମା'ଙ୍କ ପାଖରେ ପ୍ରାର୍ଥନା ଏ ବର୍ଷ ମଧ ସୁଖ ଓ ଶାନ୍ତିରେ ପୂଜା ଅନୁଷ୍ଠିତ ହେଉ।

**-ମନୋଜ ମହାନ୍ତି, କାର୍ଯ୍ୟକାରୀ ସଭାପତି**

## ସଂକ୍ଷେପରେ

### ଗଞ୍ଜାମ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗଞ୍ଜାମ,୨୨।୯(ଡି.ଏନ.ଏ.): ଗଞ୍ଜାମ ସହର ବଡ ବଜାରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଗଜଲକ୍ଷ୍ମୀଙ୍କ ପୂଜା ପାଳନ ହେବାକୁ ଯାଉଛି। ଏଥିପାଇଁ ଗୁରୁବାର ସ୍ଥାନୀୟ ପଣ୍ଡିତ ତଥା ପୁରୋହିତ କାଳିଆ ଗୋସାଇଁଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ବଡ଼ ବଜାର ବଣିକ ସଂଘ ସମ୍ପାଦକ କାହ୍ନୁ ଚରଣ ପଣ୍ଡା, କୋଷାଧକ୍ଷ ଜି.ରାମଦାସ ରେଡ୍ଡୀ, ରମେଶ ମହାପାତ୍ର, ଦେବେନ୍ଦ୍ର ଦାସ, ଭେଙ୍କେଟେଶ୍ୱର ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୂଜା ପ୍ରାୟ ୧୫ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

### ଗରୁଡ଼ ପକ୍ଷୀ ଉଦ୍ଧାର

ଶେରଗଡ,୨୨।୯(ଡି.ଏନ.ଏ.): ଶେରଗଡ଼ ଗ୍ରାମ ବାଇପାସ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛ ନିକଟରୁ ଗୁରୁବାର ବିରଳ ପ୍ରଜାତିର ଗରୁଡ଼ ପକ୍ଷୀ ଉଦ୍ଧାର କରାଯାଇଛି। ଗଛ ଉହାଡ଼ରେ ପକ୍ଷୀ ବୁଲୁଥିବା ବେଳେ ଜଣେ ବ୍ୟକ୍ତି ତାକୁ ଧରି ଶେରଗଡ ବନଖଣ୍ଡ ଅଧିକାରୀ ଅକ୍ଷୟ ତ୍ରିପାଠୀଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ପକ୍ଷୀକୁ ଆସିକା ରେଞ୍ଜ ଅଫିସକୁ ନେଇଥିଲେ। ପ୍ରକାଶ ଥାଉକି, ଶେରଗଡ ବନ ବିଭାଗ ଅଧୀନରେ ପାକିଡି ପାହାଡ଼ ଅଛି। ଉକ୍ତ ପାହାଡରେ ବହୁ ପ୍ରଜାତିର ପକ୍ଷୀ ସାଙ୍ଗକୁ ବହୁ ବିରଳ ଜୀବଜନ୍ତୁ ଦେଖିବାକୁ ମିଳନ୍ତି।

### ନାବାଳିକା ଅପହରଣ ଅଭିଯୋଗ

ଗୋପାଳପୁର,୨୨।୯(ଡି.ଏନ.ଏ.):ଜଣେ ନାବାଳିକାଙ୍କୁ ଜନୈକ ଯୁବକ ଅପହରଣ କରିଥିବା ନେଇ ଗୁରୁବାର ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୧୨ରେ ଏହି ଥାନା ଅନ୍ତର୍ଗତ ମନସୁରକୋଟା ଗ୍ରାମର ନାବାଳିକାଙ୍କ ପରିବାର ଶୋଇଥିବା ବେଳେ ରାମଚନ୍ଦ୍ରପୁର ଗ୍ରାମର ଜନୈକ ଯୁବକ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଅପହରଣ କରି ନେଇଯାଇଥିଲେ। ପରିବାର ଲୋକ ସକାଳୁ ଉଠିବା ପରେ ନାବାଳିକାଙ୍କୁ ନ ପାଇ ଆଖପାଖ ଅଞ୍ଚଳ ଖୋଜାଖୋଜି କରିଥିଲେ ମଧ ତାଙ୍କର ଟେର୍ ପାଇପାରିନଥିଲେ। ଗୁରୁବାର ନାବାଳିକାଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ନଂ. ୧୯୦/୨୨ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

### ଅହିଂସା ରଥକୁ ସମ୍ବର୍ଦ୍ଧନା



ଗୁମ୍ମା,୨୨।୯: ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପରିକ୍ରମା କରୁଥିବା ଅହିଂସା ରଥକୁ ଗୁରୁବାର ଗଜପତି ଜିଲା ଗୁମ୍ମା ବ୍ଲକରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବ୍ଲକ ଅଧକ୍ଷ ସୁନେମି ମଣ୍ଡଳ, ବିଡିଓ ଅନୁପ୍ ଅଭିଷେକ ବେହେରା, ସିଡିପିଓ ଅନିତା ରାଣୀ ପଟ୍ଟନାୟକ, ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ। ଅହିଂସା ରଥ ବିଏସ୍ଏନ୍ଏଲ ଟାୱାରରୁ ବ୍ଲକ୍ କାର୍ଯ୍ୟାଳୟ ଯାଏ ପରମ୍ପରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ବିଶାଳ ଶୋଭାଯାତ୍ରାରେ ଅଣାଯାଇଥିଲା।

# ପାଉଁରୁଟିରେ ରହୁନି ଅବଧି ସମୟ

ବ୍ରହ୍ମପୁର ଅଫିସ, ୨୨।୯



ଅବଧି ସମୟ ନ ଥିବା ପାଉଁରୁଟି ପ୍ୟାକେଟ।

ପାଉଁରୁଟି ଏବେ ନିତିଦିନିଆ ଖାଦ୍ୟ ଭାବେ ବେଶ ଆଦୃତ ହୋଇଛି। ଫଳରେ ଏହି ପ୍ରୋଟିନ ଜାତୀୟ ଖାଦ୍ୟକୁ ଅନେକାଂଶରେ ଜଳଖିଆ ଭାବେ ବ୍ୟବହାର କରୁଛନ୍ତି। ଏହି ପାଉଁରୁଟିରେ କୌଣସି ଅବଧି ସମୟ ନ ଥିବାରୁ ବର୍ତ୍ତମାନ ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ସାବ୍ୟସ୍ତ ହୋଇଛି। ଏପରିକି ପାଉଁରୁଟି ପ୍ୟାକେଟ ମଧରେ ଫିମ୍ପି ବାହାରୁଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ସହରରେ ସାଧାରଣତଃ ଭାପୁର ବଜାର, ଶିଳ୍ପାଞ୍ଚଳ ଭଳି ଅନେକ ସ୍ଥାନରେ ଫ୍ୟାକ୍ଟ୍ରି ରହିଛି। ପ୍ରତ୍ୟହ ଶହ ଶହ ସଂଖ୍ୟକ ପାଉଁରୁଟି ହୋଲ୍‌ସେଲ୍ ଓ ରିଟେଲର ବ୍ୟବସାୟୀଙ୍କ ନିକଟକୁ ରପ୍ତାନୀ ହୋଇଥାଏ। ଯାହାକୁ ସହରବାସୀ ନିତିଦିନିଆ ଜଳଖିଆ ଭାବେ ବ୍ୟବହାର କରିଥାନ୍ତି। ଏହା ସହିତ ବହୁ ଫାଷ୍ଟ ଫୁଡ ସେଣ୍ଟର ଗୁଡିକରେ ପାଉଭାଜି ସମେତ ପାଉଁରୁଟିରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କରାଯାଇଥାଏ।

ବଜାରରେ ସାଧାରଣତଃ ୨ ପ୍ରକାର ପାଉଁରୁଟିର ବହୁଳ ଚାହିଦା ରହିଛି। ଏଥିମଧରୁ ଅଟାରେ ପ୍ରସ୍ତୁତ ପାଉଁରୁଟି ଅଧିକା ବିକ୍ରି ହୋଇଥାଏ। ଯାହାକୁ ବୟସ୍କଙ୍କଠାରୁ ଆରମ୍ଭ କରି ଯୁବ ପିଢି ମଧ ବ୍ୟବହାର କରିଥାନ୍ତି। କିନ୍ତୁ ବଜାରରେ ମିଳୁଥିବା ଅଟା ପାଉଁରୁଟି ଅଧିକ ବିକ୍ରି ହେଉଥିବା ବେଳେ ଏଥିରେ ଅବଧି ସମୟ ନ ଥିବା ଅଭିଯୋଗ ହୋଇଛି। ପ୍ୟାକେଟ ଉପରେ କେବଳ ପ୍ରସ୍ତୁତକାରୀ ସାମଗ୍ରୀ, ମୂଲ୍ୟ ଓ ସଂସ୍ଥାର ନାମ ଉଲେଖ ରହୁଛି। କିନ୍ତୁ ଅବଧି ସମୟ ରହୁ ନାହିଁ। ଫଳରେ ଅନେକ ସମୟରେ ପ୍ୟାକେଟ ମଧରେ ଫିମ୍ପି ରହୁଥିବା ଅଭିଯୋଗ ହୋଇଛି। ଉକ୍ତ ଫିମ୍ପି ପାଉଁରୁଟିକୁ ଗ୍ରାହକ ଦୋକାନୀ ମାଲିକଙ୍କୁ ଫେରାଇଲେ ଏହାକୁ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ବଜାରରେ ମିଠା ଯୁକ୍ତ ପାଉଁରୁଟି ମଧ ବିକ୍ରି ହେଉଛି। ଯାହାକୁ ଛୋଟ ଶିଶୁଙ୍କ ଖାଦ୍ୟ ଭାବେ ବ୍ୟବହାର କରାଯାଇଥାଏ। କିନ୍ତୁ ଏଥିରେ ମଧ କୌଣସି ଅବଧି ସମୟ ରହୁ ନ ଥିବାରୁ ପିଲାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ଷତିକାରକ ପାଲଟିଛି। ତତସହିତ ଶରୀର ଅସୁସ୍ଥ ହେଲେ ଡାକ୍ତର ରୋଗୀଙ୍କୁ ପାଉଁରୁଟି ଖାଇବାକୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ପାଉଁରୁଟି ପ୍ୟାକେଟରେ ଏଭଳି ସମୟ ସୀମା ନ ରହିବା ରୋଗୀଙ୍କ ପକ୍ଷେ କେତେ ଉପଯୋଗୀ ସେ ନେଇ ସାଧାରଣରେ ମତ ପ୍ରକାଶ ପାଇଛି।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରରେ ରହିଥିବା ପାଉଁରୁଟି ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି ଉପରେ ଚଢାଉ କରାଯାଇଥିଲା। ଏଥିସହ ଅବଧି ସମୟ ରଖୁ ନ ଥିବା ସଂପୃକ୍ତ ମାଲିକଙ୍କୁ ନୋଟିସ ମଧ ଦିଆଯାଇଥିଲା। କିନ୍ତୁ ସମ୍ପୃକ୍ତ ମାଲିକ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ବଜାରରେ ଖରାପ ପାଉଁରୁଟି ବିକ୍ରି କରୁଛନ୍ତି। ହିନ୍ଦୁସ୍ଥାନ ପାଉଁରୁଟି ପ୍ରସ୍ତୁତକାରୀ କମ୍ପାନୀ ମାଲିକ ଇପାରି ସୁବାଷଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ପ୍ୟାକେଟ ପ୍ରସ୍ତୁତକାରୀ ମେଶିନରେ ତ୍ରୁଟି ଯୋଗୁ ଅବଧି ସମୟ ଲେଖା ହୋଇପାରି ନାହିଁ। ଖୁବ ଶୀଘ୍ର ମେଶିନ ମରାମତି ପରେ ବଜାରରେ ଅବଧି ସମୟ ଲେଖା ହୋଇଥିବା ପ୍ୟାକେଟ ଉପଲବ୍ଧ ହେବ। ଏ ନେଇ ବିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ମିତା ଖାଡଙ୍ଗାଙ୍କ ସହ ଯୋଗଯୋଗ କରିବାରୁ ସେ କହିଛନ୍ତି, ସହରରେ ପାଉଁରୁଟି ଫ୍ୟାକ୍ଟ୍ରିରେ ଯାଞ୍ଚ କରାଯାଇଛି। ମାଲିକଙ୍କୁ ନୋଟିସ ମଧ ଦିଆଯାଇଛି। ଏହାପରେ ଯଦି ନିୟମ ଉଲ୍ଲଙ୍ଘନ କରନ୍ତି ତେବେ କମ୍ପାନୀ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସେ କହିଛନ୍ତି।

# ଆନ୍ତର୍ଜାତିକ ଶାନ୍ତି ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ଅଫିସ୍ ୨୨।୯

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଗୋବିନ୍ଦନଗରଠାରେ ଗୁରୁବାର ଆନ୍ତର୍ଜାତିକ ଶାନ୍ତି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଯୋଗ ଦେଇଥିଲେ। ଶାନ୍ତି ମଣିଷର ଆଭ୍ୟନ୍ତର ଅନ୍ତର୍ଗତ ଏକ ସ୍ୱର୍ଗୀୟ ଅନୁଭବ। ଚିତ୍ତବୃତ୍ତିକୁ ସକାରାତ୍ମକ ଦିଗରେ ପରିଚାଳିତ କରିବା ସଂଗେ ସଂଗେ ନିଜ ଭିତରେ ମାନବୀୟ ସଦ୍‌ଗୁଣାବଳୀର ବିକାଶ ଦିଗରେ କାର୍ଯ୍ୟ କଲେ ବିଶ୍ୱଶାନ୍ତି ଆପଣା ଛାଏ ପ୍ରତିଷ୍ଠିତ ହୋଇପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଏସ୍ଓଏଲ୍ଆଇଡି ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଡ. ମନୋରମା ଦେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୯୮୧ ସେପ୍ଟେମ୍ବର ୨୧ରୁ ଜାତିସଂଘ ପକ୍ଷରୁ ଘୋଷିତ ଆନ୍ତର୍ଜାତିକ ଶାନ୍ତି ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କରୁଣା ଶାନ୍ତି ଆବାସିକ ମହାବିଦ୍ୟାଳୟ ଅଧକ୍ଷା ଡ. ରଶ୍ମିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜାତିବାଦର ବିଲୋପ ଓ ଶାନ୍ତି ପ୍ରତିଷ୍ଠାରେ ଯୁବ ସମାଜର ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ରଙ୍ଗେଇଲୁଣ୍ଡା ବ୍ଲକରେ ଶାସକ ଦଳର ଦୌରାତ୍ମ୍ୟ:ଭାଜପା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମୀ।

ବ୍ରହ୍ମପୁର ଅଫିସ, ୨୨।୯

ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକରେ ଶାସକ ଦଳଙ୍କ ଦୌରାତ୍ମ୍ୟ ସାଧାରଣ ଲୋକ ଭୟଭୀତ ହୋଇଛନ୍ତି ବୋଲି ଭାଜପା ଗଞ୍ଜାମ ଜିଲା ସଭାପତି ବିଭୂତି ଭୂଷଣ ଜେନା ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଶାସକ ଦଳର ଛତ୍ରଛାୟା ତଳେ ଅନେକ ଅସାମାଜିକ ବ୍ୟକ୍ତି ବିରୋଧୀ ଦଳ ନେତାଙ୍କୁ ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ବିଡିଓ, ତହସିଲଦାର ଓ ଥାନାକୁ ଦଳୀୟ ସ୍ୱାର୍ଥରେ ବ୍ୟବହାର କରାଯାଉଛି। ରଙ୍ଗେଇଲୁଣ୍ଡା ବ୍ଲକରେ ବିକାଶ ସଂପୂର୍ଣ୍ଣ ସ୍ଥାଣୁ ପାଲଟିଛି। ଗତ ୧୧ ତାରିଖରେ ସୂଚନା ଅଧିକାରୀ କର୍ମୀ ବିଶ୍ୱମ୍ଭର ପାତ୍ର ଦୁର୍ନୀତି ସମ୍ପର୍କିତ ତଥ୍ୟ ମାଗିବାକୁ ଯାଇଥିବା ବେଳେ ତାଙ୍କୁ ବ୍ଲକ କାର୍ଯ୍ୟାଳୟରୁ ଅପହରଣ କରିବା ଶାସକ ଦଳର କଳା କାରନାମାକୁ ପଦାରେ ପକାଇଛି। ସୂଚନା ଅଧିକାରୀ କର୍ମୀଙ୍କ ପକ୍ଷରୁ ଗୋଳନ୍ଥରା ଥାନାରେ ଅଭିଯୋଗର ୭୨ ଘଣ୍ଟା ପୂରିଥିଲେ ସୁଦ୍ଧା ରାଜନୈତିକ ଚାପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏଣୁ ସୂଚନା ଅଧିକାରୀ କର୍ମୀଙ୍କୁ ଅପହରଣ ଘଟଣାରେ ସମ୍ପୃକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଭାଜପା ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସରୋଜ ସାବତ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡଙ୍ଗୀ, ବରିଷ୍ଠ ନେତା ସୁନୀଲ କୁମାର ସାହୁ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଜଗମୋହନ ପାତ୍ର, ଗୋଳନ୍ଥରା ମଣ୍ଡଳ ସଭାପତି ସନତ ନାୟକ, ଗୋଳନ୍ଥରା ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ସୁନୀଲ ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଦିଗପହଣ୍ଡି ବ୍ଲକ ବିଜେଡିର ନୂଆ କର୍ମକର୍ତ୍ତା

## ବିଭୂତି -ସଭାପତି, ପ୍ରଶାନ୍ତ -ସାଧାରଣ ସମ୍ପାଦକ

ଦିଗପହଣ୍ଡି,୨୨।୯(ଡି.ଏନ.ଏ.)

ବିଜେଡି ଗଞ୍ଜାମ ଜିଲା ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦିଗପହଣ୍ଡି ବ୍ଲକ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିବା ସହ ଗତ ଏନ୍ଏସି ନିର୍ବାଚନରେ ଦଳବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏନ୍ଏସିର ପୂର୍ବତନ କାଉନସିଲର ମାଗି ସେଠୀଙ୍କ ଉପରୁ ନିଲମ୍ବନ ହଟାଇ ନେଇଥିବା ଜଣାପଡିଛି। ବିଜେଡ଼ି ବ୍ଲକ ସଭାପତି ଭାବେ ବିଭୂତି ଭୂଷଣ ମହାପାତ୍ର ପୁନଃ ମନୋନୀତ ହୋଇଥିବା ବେଳେ ଜକର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ସାଧାରଣ ସମ୍ପାଦକ ଏବଂ ପୂର୍ବତନ ସମିତି ସଭ୍ୟ ଟି.ରାମାରାଓଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ଫନୀନ୍ଦ୍ର ଗୋସ୍ୱାମୀ, ରମେଶ ପାଢ଼ୀ, ମୂରଲୀ ପ୍ରଧାନ, ସଞ୍ଜୀବ ରେଡ୍ଡୀ ଏବଂ ସମିତିସଭ୍ୟ ରମେଶ ଚନ୍ଦ୍ର ପାଢୀଙ୍କୁ ନେଇ ଉପସଭାପତି ମଣ୍ଡଳୀ ଗଠନ କରାଯାଇଥିବା ବେଳେ ରବି ନାରାୟଣ ପାଢୀ, ଉଷାନ୍ତ ସାହୁ, ଭୀମସେନ ସାହୁ, ସଦାନନ୍ଦ ଦୋରା, ପ୍ରହ୍ଲାଦ ଭୂୟାଁ, ଡମ୍ବରୁ ସେଠୀ, ରାଧାକାନ୍ତ ମହାଙ୍କୁଡ, ବିଜୟ ପ୍ରଧାନ, ମନୋଜ ପଟ୍ଟନାୟକ ଏବଂ ନୀଳାଞ୍ଚଳ ସାହୁଙ୍କୁ ନେଇ ସମ୍ପାଦକ ମଣ୍ଡଳୀ ଗଠନ କରାଯାଇଛି। ସେହିଭଳି କାର୍ଯ୍ୟକାରୀ କମିଟିରେ ୨୭ ଜଣଙ୍କ ନାମ ରହିବା ସହ ସମସ୍ତ ୨୫ ପଞ୍ଚାୟତ ପାଇଁ ସଭାପତିମାନଙ୍କ ନାମ ମଧ ଘୋଷିତ ହୋଇଛି। ନୂତନ ଭାବେ ମନୋନୀତ କର୍ମକର୍ତ୍ତାମାନଙ୍କୁ ବ୍ଲକ ଅଧକ୍ଷା ସୁନୀତା ସେଠୀ, ବିଜେଡି ଗଞ୍ଜାମ ଜିଲା ଉପସଭାପତି ବି.କ୍ରିଷ୍ଣାରାଓ ସୁବୁଦ୍ଧି, ଏମ୍. ନିରଞ୍ଜନ ରେଡ୍ଡୀ, କୃଷ୍ଣଚନ୍ଦ୍ର ସେଠୀ ଏବଂ ଚିତ୍ରସେନ ଗୌଡ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଜରିମାନା

■ବଳାତ୍କାର ମାମଲା

**ପୀଡ଼ିତାଙ୍କୁ ୫ଲକ୍ଷର ଆର୍ଥିକ ସହାୟତା ନିର୍ଦ୍ଦେଶ**

ବ୍ରହ୍ମପୁର ଅଫିସ,୨୨।୯

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ଗଣେଶ୍ୱର ପତି ଗୁରୁବାର ଜନୈକା ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣଙ୍କ କୋଦଳା ଥାନା ଅନ୍ତର୍ଗତ ସୁମଣ୍ଡଳ ଗ୍ରାମର ସୀମାଞ୍ଚଳ ସ୍ୱାଇଁ(୨୮)। ଏହା ସହିତ ଅଭିଯୁକ୍ତଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ(ଡିଏଲଏସ୍ଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱତନ୍ତ୍ର ପୋକ୍‌ସୋ ପିପି ମୋହନ ସିଙ୍ଗାରି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୧୫ ମେ’ ୨୩ ରାତି ସାଢ଼େ ୮ରେ ଖଲ୍ଲିକୋଟ ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ସୀମାଞ୍ଚଳ ବଳପୂର୍ବକ ଅପହରଣକରି ବଳାତ୍କାର କରିଥିଲେ। ପରେ ବିବାହ କରିବି ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଶେଷରେ ତାଙ୍କୁ ପ୍ରତାରଣା କରିଥିଲେ। ଏନେଇ ପୀଡ଼ିତା ପରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୮/୧୫ରେ ଏକ ମାମଲା ରୁଜୁ କରିଥିଲା। ପରେ ପୋଲିସ ବଳାତ୍କାରୀ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନା ଏସ୍ଆଇ ତଥା ତଦନ୍ତକାରୀ ଅଧିକାରୀ ଏସ୍. ନାୟକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ୨୦୧୫ ନଭେମ୍ବର ୭ରେ ସୀମାଞ୍ଚଳଙ୍କୁ ଜାମିନ ମିଳିଥିଲା। ଗୁରୁବାର ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ସୀମାଞ୍ଚଳଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀ, ମୁଦାଲାଙ୍କ ସମେତ ଅନ୍ୟ ଦୁଇଜଣଙ୍କ ସାକ୍ଷୀଙ୍କ ବୟାନ ଓ ପୋଲିସ କୋର୍ଟରେ ଦାଖଲ କରିଥିବା ଚାର୍ଜସିଟକୁ ଆଧାର କରି ସୀମାଞ୍ଚଳଙ୍କ ବିରୋଧରେ ପ୍ରମାଣ ମିଳିବାରୁ ତାଙ୍କୁ ଜଜ୍ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।

# ୨୭ ପର୍ଯ୍ୟନ୍ତ ଗଞ୍ଜାମରେ ବୁଲିବ ଅହିଂସା ରଥ

ଛତ୍ରପୁର,୨୨।୯(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ସାରା ଦେଶରେ ଆୟୋଜିତ ହେଉଛି। ଅହିଂସା ବାର୍ତ୍ତା ବହନକରି ଏହି ରଥ ଦୁଇଟି ଜିଲାକୁ ଚଳିତ ମାସ ୨୩ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ରଥ ଦୁଇଟି ଗଜପତି ଜିଲାରୁ ୨୩ ତାରିଖ ଦିନ ତପ୍ତପାଣିଠାରେ ଗଞ୍ଜାମ ଜିଲାକୁ ହସ୍ତାନ୍ତର ହେବ। ସେହିଠାରୁ ୨୩ ତାରିଖ ଦିନ ଗୋଟିଏ ରଥ ସାନଖେମୁଣ୍ଡି, ଦିଗପହଣ୍ଡି ଓ ଶେରଗଡରେ ପରିକ୍ରମା କରିବ। ଅନ୍ୟ ରଥଟି ଉକ୍ତ ଦିନ ଚିକିଟି ପାତ୍ରପୁର ଯିବାର କାର୍ଯ୍ୟକ୍ରମ ରହିଛି।୨୪ ତାରିଖ ଦିନ ହିଞ୍ଜିଳି, ଆସ୍କା ଏବଂ ଧରାକୋଟ ପରିକ୍ରମା କରିବ। ଅନ୍ୟ ରଥଟି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ମଣ୍ଡଳ କାରାଗାର, ଆଇ.ଟି.ଆଇ., ବ୍ରହ୍ମପୁର ବଡ ମେଡିକାଲ, ଖଲ୍ଲିକୋଟ କଲେଜ ଖେଳପଡିଆ, ମଧୁ ଭବନ, ବାରାକ୍ସ, ଗାନ୍ଧୀନଗର ଛକ, ଆସ୍କା ରୋଡ, ରାମ ଲିଙ୍ଗମ ଟ୍ୟାଙ୍କ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ ହଲଠାରେ ଗାନ୍ଧିଜୀଙ୍କ ଜୀବନ ଆଦର୍ଶ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନ ସହ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୫ ତାରିଖ ଦିନ ଗୋଟିଏ ରଥ ସୋରଡା, ବେଲଗୁଣ୍ଠା, ଭଞ୍ଜନଗର ଯିବ। ଅନ୍ୟ ରଥଟି କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା ଏବଂ ଗୋପାଳପୁର ଯିବ । ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୬ ତାରିଖ ଦିନ ଜଗନ୍ନାଥ ପ୍ରସାଦ, ବୁଗୁଡା, ପୋଲସରା ଏବଂ ଆଉ ଗୋଟିଏ ରଥ ପୁରୁଷୋତ୍ତମପୁର ଓ ଛତ୍ରପୁର ପରିକ୍ରମା କରିବ। ସେହି ଭଳି ୨୭ ତାରିଖ ଦିନ କବିସୂର୍ଯ୍ୟନଗର, ବେଗୁନିଆପଡା ଗୋଟିଏ ରଥ ପରିକ୍ରମା କରିବା ବେଳେ ଅନ୍ୟ ରଥଟି ଗଞ୍ଜାମ, ରମ୍ଭା ଏବଂ ଖଲ୍ଲିକୋଟ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ରଥ ପରିକ୍ରମା ସମୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଗାନ୍ଧୀଙ୍କ ଆଦର୍ଶ, ନୀତି ଏବଂ ସ୍ୱାଧୀନତା ଆନ୍ଦୋଳନରେ ଜିଲାର ଅବଦାନ ସମ୍ପର୍କିତ ଅହିଂସା ସାରଥୀ–ମୁକ୍ତି ପଥର ଯାତ୍ରୀ ନାଟକ ଗଞ୍ଜାମ କଳା ପରିଷଦ ଏବଂ ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ଅନୁଷ୍ଠାନ, ବ୍ରହ୍ମପୁର ଯୁବ କଳାକାରଙ୍କ ଦ୍ୱାରା ପରିବେଷିତ ହେବ। ସ୍ଥାନୀୟ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀ ଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେବେ। ଜିଲାର ସ୍ୱାଧୀନତା ସଂଗ୍ରାମୀ ସମ୍ପର୍କିତ ପୁସ୍ତକ ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି ।

# ଏନ୍ଏସ୍ଏସ୍‌ରକ୍ତ ଦାନ ଶିବିର


ରକ୍ତ ଦାନ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ, ୨୨।୯

ସେପ୍ଟେମ୍ବର ୨୪ ଜାତୀୟ ସେବା ଯୋଜନା ଦିବସ ଭାବେ ପାଳିତ ହୁଏ। ଏହା ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ସପ୍ତାହବ୍ୟାପୀ ବହୁ କାର୍ଯ୍ୟକ୍ରମ ପାଳିତ ହେଉଛି। ଗୁରୁବାର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ଓ ଏଚଡ଼ିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ନୂତନ କନଫରେନ୍ସ ହଲଠାରେ ଏକ ମେଗା ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଏଚଡ଼ିଏଫସି ବ୍ୟାଙ୍କ ବ୍ରହ୍ମପୁର ଜୋନ ଉପସଭାପତି ସତୀଶ କୁମାର ମହାନ୍ତି ଯୋଗ ଦେଇଥିଲେ। ପ୍ରଫେସର ଡ଼.ଜୟନ୍ତ କୁମାର ପଣ୍ଡା ସଂଯୋଜନା କରିଥିଲେ। ମୋଟ ୮୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଶକ୍ତି ରଞ୍ଜନ ଦାସ, ଡ଼.ଇକବାଲ ଅହମ୍ମଦ ଭଟ୍ଟ ଓ ଅଲିତା ମିଞ୍ଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶାଶୁ–ଶ୍ୱଶୁରଙ୍କୁ ନିର୍ଯାତନା, ବୋହୂ ଗିରଫ

ବ୍ରହ୍ମପୁର ଅଫିସ,୨୨।୯


ଗିରଫ ମହିଳା

ଶାଶୁ–ଶ୍ୱଶୁରଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ବୋହୂଙ୍କୁ ଗିରଫ କରିଛି। ଗିରଫ ମହିଳା ଏସ୍. ସରସ୍ୱତୀ ପାତ୍ର(୪୩)। ପୋଲିସ ଘଟଣାବେଳେ ବ୍ୟବହୃତ ଏକ ବାଉଁଶ ବାଡ଼ି ମଧ ଜବତ କରିଛି। ମାମଲା ନମ୍ବର ୨୪୩/୨୨ ରେ ଗୁରୁବାର ସରସ୍ୱତୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ସରସ୍ୱତୀଙ୍କୁ ୨୦୦୦ ମସିହା ଡ଼ିସେମ୍ବର ୨୮ରେ ଏସ୍. ଆନନ୍ଦ ପାତ୍ର ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ରହିଛି। ଆନନ୍ଦ ସୋମନାଥନଗରରେ ତାଙ୍କ ବୃଦ୍ଧ ମାତା–ପିତାଙ୍କ ସହ ରୁହନ୍ତି। ସେ କନ୍ଧମାଳ ଜିଲା ଜି.ଉଦୟଗିରିରେ ବ୍ୟବସାୟ କରନ୍ତି। ସରସ୍ୱତୀ ତାଙ୍କ ଶାଶୁ–ଶ୍ୱଶୁରଙ୍କ ଠାରୁ ଅଲଗା ହୋଇ ଅନ୍ୟତ୍ର ରହିବା ପାଇଁ ତାଙ୍କ ସ୍ୱାମୀଙ୍କୁ ବାରମ୍ବାର କହିଥିଲେ। ହେଲେ ସ୍ୱାମୀ ଏଥିରେ ରାଜି ହୋଇନଥିଲେ। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧରେ ଝଗଡା ଲାଗି ରହିଥିଲା। ଆନନ୍ଦ ଘରେ ରହୁ ନ ଥିବା ବେଳେ ସରସ୍ୱତୀ ଶାଶୁ –ଶ୍ୱଶୁରଙ୍କ ସହ ରହୁଥିଲେ। ସରସ୍ୱତୀ ଶ୍ୱଶୁର ଏସ୍.ବଙ୍ଗାଳି ପାତ୍ର(୮୩) ଓ ଶାଶୁ ଏସ୍. ପୁଷ୍ପାଞ୍ଜଳି ପାତ୍ରଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏହାର ସମାଧାନ ପାଇଁ ଅନେକ ଥର ଆନନ୍ଦ ତାଙ୍କ ସ୍ତ୍ରୀ’ଙ୍କୁ ବୁଝାଶୁଝା କରିଥିଲେ ମଧ ଏଥିରେ କୌଣସି ସୁଫଳ ମିଳିନଥିଲା। ଶାଶୁଙ୍କ ସୁନାଗହଣା ଓ ଘରେ ଥିବା ସମସ୍ତ ଟଙ୍କା ସରସ୍ୱତୀ ଚୋରି କରି ନେଇ ତାଙ୍କ ବାପାଙ୍କ ଘରେ ଦେଇଥିଲେ। ଏହା ଜାଣିବା ପରେ ମଧ ଆନନ୍ଦ ଚୁପ ହୋଇ ରହିଥିଲେ। ଗତ ୧୪ ତାରିଖରେ ସରସ୍ୱତୀ ଜି.ଉଦୟଗିରି ଯାଇ ତାଙ୍କ ସ୍ୱାମୀଙ୍କୁ ୭୦ ହଜାର ଟଙ୍କା ମାଗିଥିଲେ। ତାଙ୍କ ପାଖରେ ଟଙ୍କା ନ ଥିବା ସେ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସରସ୍ୱତୀ ତାଙ୍କ ସ୍ୱାମୀଙ୍କୁ ଏକ ବାଡ଼ିରେ ଆକ୍ରମଣ କରିଥିଲେ। ସେହିପରି ଦୋକାନରେ ଥିବା ସମସ୍ତ ଟଙ୍କା ନେଇଯାଇଥିଲେ। ଦୋକାନରେ ନିଆଁ ଲଗାଇ ପୋଡ଼ି ଦେବି ବୋଲି ଧମକ ଦେଇଥିଲେ। ଆନନ୍ଦ ଏହାର ପ୍ରତିବାଦ କରିବା ସହ ସରସ୍ୱତୀଙ୍କୁ ବୁଝାଶୁଝା କରିଥିଲେ। ଥାନାରେ ଶ୍ୱଶୁରଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ କରିବି ବୋଲି ଆନନ୍ଦଙ୍କୁ ସ୍ତ୍ରୀ ସରସ୍ୱତୀ ଧମକ ଦେଇଥିଲେ। ଏ ନେଇ ଆନନ୍ଦ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ସରସ୍ୱତୀଙ୍କୁ ଗିରଫ କରିଥିବା କହିଛି।

# ଋଣ ଲକ୍ଷ୍ୟ ପୂରଣ ଲାଗି ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ

ଛତ୍ରପୁର,୨୨।୯(ଡି.ଏନ.ଏ.)



ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଗଞ୍ଜାମ ଜିଲାରେ ବ୍ୟାଙ୍କଗୁଡିକ ଋଣ ବଦଳରେ ଜମା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକରେ ଏହି ସୂଚନା ମିଳିଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରି ଜିଲାରେ ଥିବା ସମସ୍ତ ବ୍ୟାଙ୍କଗୁଡିକୁ ଋଣ ପ୍ରଦାନ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ବିଭିନ୍ନ ବ୍ୟାଙ୍କର ମୋଟ ୪୨୪ ଶାଖା ରହିଛି। ଚଳିତ ବର୍ଷ ଜୁନ୍ ସୁଦ୍ଧା ୨୪୦୨୫ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ୧୫୧୭୯ କୋଟି ଟଙ୍କା ଋଣ ଦିଆଯାଇଛି। ଚଳିତ ବର୍ଷ ଜୁନ୍ ସୁଦ୍ଧା ବ୍ୟାଙ୍କଗୁଡିକ ଦ୍ୱାରା କୃଷି କ୍ଷେତ୍ରରେ ୨୫ ପ୍ରତିଶତ, ଶିଳ୍ପ କ୍ଷେତ୍ରରେ ୧୧ ପ୍ରତିଶତ, ଶିକ୍ଷା ଓ ଗୃହ ନିର୍ମାଣ କ୍ଷେତ୍ରରେ ୧୦ ପ୍ରତିଶତ ଋଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଖରିଫ ଋତୁରେ ୬୦୨୫୨୪ ଚାଷୀ କୃଷି ବୀମାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ମୋଟ ୫୩୮୨୦ ହେକ୍ଟର ଜମି ବୀମା ଭୁକ୍ତ ହୋଇଛି । ସରକାରଙ୍କ ପ୍ରଚଳିତ ବଳରାମ ଯୋଜନାରେ ଜିଲାର ୧୫୨୫୦ ଭାଗ ଚାଷୀଙ୍କୁ ୧୨୮କୋଟି ଋଣ ମଞ୍ଜୁର କରାଯାଇଥିବା ବେଳେ ୧୦୯୩୧ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ ୨୭୫.୭୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ତେବେ ବଳରାମ ଯୋଜାନରେ ବ୍ରହ୍ମପୁର କେନ୍ଦ୍ରୀୟ କୋଅପରେଟିଭ୍ ବ୍ୟାଙ୍କ ଋଣ ପ୍ରଦାନରେ ଧିମା ରହିଛି। ଚାଷବାସ ସରିବା ପରେ ଋଣ ଦେଇ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏଲଡିଏମ୍ ଅଶୋକ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଓ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବଦଳିଲେ

ଖଣ୍ଡପଡ଼ା,୨୨।୯(ସ୍ୱ.ପ୍ର.): ନୟାଗଡ଼ ଜିଲା ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ କଟକ ଜିଲା ଚୌଦ୍ୱାର ପୌର ପାଳିକା କାର୍ଯ୍ୟାଳୟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପବିତ୍ର କୁମାର ବେହେରା ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟକୁ ବଦଳି ହୋଇଥିବା ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ବଦଳି ତାଲିକାରୁ ଜଣାପଡ଼ିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା,୨୨।୯(ସ୍ୱ.ପ୍ର.): କଣ୍ଟିଲୋ ପଞ୍ଚାୟତ ଅଧୀନ ହରିସୁବୁଦ୍ଧି ପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମ



ସୁନ୍ଦର ସାହୁ(୭୯)ଙ୍କ ପରଲୋକ ହୋଇଯାଇଛି। ସେ ବହୁ ଦିନ ହେଲା ଶଯ୍ୟାଶାୟୀ ଥିଲେ। ସାହୁ ଜଣେ ସରଳ, ମେଳାପୀ ଓ ପରୋପକାରୀ ତଥା ଧର୍ମ ପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଗ୍ରାମ୍ୟ ଶ୍ମଶାନ ଶଙ୍ଖତୋଟାଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ସରୋଜ ମୁଖାଗ୍ନି ଦେଇଥିଲେ ।

### ସମାଜସେବୀଙ୍କ ପରଲୋକ

ଦଶପଲ୍ଲା,୨୨।୯(ଡି.ଏନ.ଏ.): ଦଶପଲ୍ଲା ଅଞ୍ଚଳର ବିଶିଷ୍ଟ ସମାଜସେବୀ ବାଲୁଙ୍କି



ସାହୁଙ୍କ ଗୁରୁବାର ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି। ୧୯୪୪ରେ ଦଶପଲ୍ଲା ସାତପାଟଣା ଅନ୍ତର୍ଗତ ଗନ୍ତାଘର ପାଟଣାରେ ଜନ୍ମଗ୍ରହଣ କରିଥିଲେ । ସାହୁ ୧୯୮୦ରେ ଦଶପଲ୍ଲାରେ ପ୍ରଥମେ ଆଇସକ୍ରିମ ଫ୍ୟାକ୍ଟ୍ରୀ, ତେଲ କଳ, ଚୁଡ଼ା କଳ ,ଧାନ କଳ ବସାଇ ସ୍ୱଳ୍ପ ଲାଭରେ ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ । ତାଙ୍କର ଉଦ୍ୟମରେ ଲିଙ୍ଗରାଜ ମଧ ଇଂରାଜୀ ବିଦ୍ୟାଳୟ ସ୍ଥାପିତ ହୋଇଥିଲା, ଯାହା ଏବେ ସରକାରୀ ସ୍କୁଲର ମାନ୍ୟତା ପାଇଛି। କିଛି ବର୍ଷ ସେ ତୈଳିକ ବୈଶ୍ୟ ସମାଜର ପରିଚାଳକ ଦାୟିତ୍ୱରେ ଥିଲେ । ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ସାର କଳାବଜାର ରୋକି ହେଲାନି

ନୟାଗଡ଼ ଅଫିସ,୨୨।୯

- ଆବଶ୍ୟକ ଥିଲା ୧୭ ହଜାର ମେଟ୍ରିକ୍ ଟନ୍
- ଆସିଛି ୧୫ ହଜାର ମେଟ୍ରିକ୍ ଟନ୍
- ୟୁରିଆ ସାରର ଚାହିଦା ଅଧିକ
- ବାରମ୍ବାର ଆନ୍ଦୋଳନ ପରେ ମିଳିଲାନି ସୁଫଳ
- ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା ଧରାପଡ଼ିଲା

ପ୍ରତିବର୍ଷ ଖରିଫ ଋତୁରେ ସାରର କଳାବଜାର ହେଉଛି । ହେଲେ ପ୍ରଶାସନ ଏହାକୁ ରୋକିବାରେ ସକ୍ଷମ ହେଉ ନାହିଁ। ଖରିଫ ଋତୁ ଆରମ୍ଭରୁ ସାରକୁ ଗଚ୍ଛିତ ରଖାଗଲେ କଳାବଜାରକୁ ରୋକା ଯାଇ ପାରନ୍ତା । ତେବେ ପ୍ରଶାସନ ସେପରି କିଛି ନ କରି ନୀରବତା ଅବଲମ୍ବନ କରିବା କଳାବଜାରୀଙ୍କୁ ପ୍ରୋତ୍ସାହନ ଯୋଗାଉଛି ବୋଲି ଅଭିଯୋଗ ହୋଇଛି । ଚଳିତ ବର୍ଷ ଖରିଫ ଋତୁରେ ସାର ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ, ବିକ୍ଷୋଭ ଚାଲିଛି। ହେଲେ ଆନ୍ଦୋଳନ କାମ ଦେଇନି। ଜିଲାକୁ ୧୭ ହଜାର ମେଟ୍ରିକ ଟନ ସାରର ଚାହିଦା ରହିଛି ବୋଲି କୃଷି ବିଭାଗର ରିପୋର୍ଟ କହୁଛି । ହେଲେ ୧୫ ହଜାର ୭୧ ମେଟ୍ରିକ ଟନ୍ ସାର ଜିଲାକୁ ଆସିଛି । ଏଣୁ କୃଷି ପ୍ରଧାନ ଜିଲା ନୟାଗଡ଼ରେ ଚାଷୀ ସାର ପାଇଁ ପ୍ରତିବର୍ଷ ହଇରାଣ ହୋଇ କଳାବଜାରରୁ ଅଧିକ ଦରରେ ସାର କିଣୁଛି।

ସୂଚନା ଅନୁଯାୟୀ, ଜିଲାକୁ ୧୭ ହଜାର ମେଟ୍ରିକ ଟନ୍ ସାରର ଚାହିଦା ରହିଛି ବୋଲି କୃଷି ବିଭାଗ ପକ୍ଷରୁ ଏକ ରିପୋର୍ଟ ଦିଆଯାଇଥିଲା । ଏଥିରୁ ୭ ହଜାର ମେଟ୍ରିକ ଟନ କେବଳ ୟୁରିଆ ରହିଛି । ସେହିପରି ଡିଏପି ୩ ହଜାର ମେଟ୍ରିକ ଟନ, ଏମଓପି ୧୫୦୦ ମେଟ୍ରିକ ଟନ, ଏନ୍‌ପିକେଏସ୍ ୨୫୦୦ ମେଟ୍ରିକ ଟନ, ସୁପର ସାର ୩ ହଜାର ମେଟ୍ରିକ ଟନ



ରହିଛି । ୟୁରିଆ ସାରର ଚାହିଦା ଅନ୍ୟ ସାରଠାରୁ ଅଧିକ ରହିଛି । ଆବଶ୍ୟକ ୭ ହଜାର ମେଟ୍ରିକ ଟନ ଥିବାବେଳେ ୮ ହଜାର ୨୦.୮୫ ମେଟ୍ରିକ ଟନ ଆସିଛି। ହେଲେ ଚାଷୀଙ୍କ ଅଭିଯୋଗ ୟୁରିଆ ସାର ଆଦୌ ମିଳୁନି । ୟୁରିଆ ୫୫୦ରୁ ୬୦୦ ଟଙ୍କାରେ ବିକ୍ରି ହେଉଛି । ୪୫ କେଜି ୟୁରିଆ ସାର ବସ୍ତା ଦାମ ୨୬୬.୫୦ ପଇସା ରହିଥିବାବେଳେ ଚାଷୀ ୨ଗୁଣ ଅଧିକ ଦେଇ କଳାବଜାରରେ କିଣୁଛନ୍ତି । ଅନ୍ୟପକ୍ଷେ ଡିଏପି ୧୪୨୨.୬୧ ମେଟ୍ରିକ ଟନ, ଏମଓପି ୮୮୫.୩୯ ମେଟ୍ରିକ ଟନ, ଏନପିକେଏସ୍ ୯୬୬.୪୯ ମେଟ୍ରିକ ଟନ, ସୁପର ସାର ୩୭୭୫.୧୦ ମେଟ୍ରିକ ଟନ ଆସିଛି। ଏନେଇ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ପ୍ରାଥମିକ କୃଷି ସମବାୟ ସମିତିରେ ସାର ୫୫୦ରୁ ୬୦୦ ଟଙ୍କାରେ ବିକ୍ରି ହେଉଛି । ଚାଷୀଙ୍କୁ ୟୁରିଆ ସାର ସହ ଏକ ଜିଙ୍କ ପ୍ୟାକେଟ ଅଥବା ଲିକୁଇଡ ୟୁରିଆ ଦେଇ ଏହି ଅର୍ଥ ନେଉଛନ୍ତି । ଚାଷୀର ଆବଶ୍ୟକତା ନ ଥିବାବେଳେ ବାଧ ହୋଇ ଜିଙ୍କ୍ ପ୍ୟାକେଟ ଓ ଲିକୁଇଡ ୟୁରିଆ ନେଉଛି । ଅନ୍ୟପକ୍ଷେ ପ୍ରତି ବର୍ଷ ସାରର ଅଭାବ ଲାଗି ରହୁଥିଲେ ମଧ ଏହାର ସ୍ଥାୟୀ ନିରାକରଣ କରାଯାଉନି । କାରଣ ସାର କଳାବଜାର ହେଲେ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ଦଲାଲ, ରାଜନେତା ସମସ୍ତେ ଭାଗ ପାଇଥାନ୍ତି । ଚାଷ ସମୟରେ ସାର କଳାବଜାର ଜାଣିଶୁଣି କରାଯାଉଛି। ଏଣୁ ଏହାକୁ ସମାଧାନ କରିବାକୁ କାହାରି ଆନ୍ତରିକତା ନାହିଁ । ଗଣିଆର ଚାଷୀ ରାମଚନ୍ଦ୍ର ସ୍ୱାଇଁ, ଦଶପଲ୍ଲାର ବିକ୍ରମ ସାହୁ, ରଣପୁରର ଉଦ୍ଧବ ନାୟକ କୁହନ୍ତି, ଜିଲାରେ ୟୁରିଆ ସାରର ଚାହିଦା ଅଧିକ ରହୁଛି। ସରକାର ଏହାକୁ ଅଧିକ ସଂଖ୍ୟରେ ଆଣି ଚାଷୀଙ୍କୁ ଦେବା ଉଚିତ। ଚଳିତ ବର୍ଷ ଅଧିକ ୟୁରିଆ ସାର ଆସିଛି। ତେବେ ଚାଷୀ କାହିଁକି ସାର ପାଉନି । ସାର କାହିଁକି କଳାବଜାର ହେଉଛି । ପ୍ରଶାସନ କାହିଁକି ଚଢ଼ାଉ କରୁନି । ଜିଲା ମୁଖ୍ୟ କୃଷି ଅଧିକାରୀ ଅଭିଯୋଗ ନାହିଁ କହି କଳାବଜାରୀଙ୍କୁ ସୁରକ୍ଷା ଦେଉଛନ୍ତି । ଏଣୁ ଚାଷୀ ନ୍ୟାୟ ପାଉନି । ସବୁବେଳେ ଅଧିକ ଦାମରେ ସାର କିଣୁଛି । ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର କୁହନ୍ତି, ସାର କଳାବଜାର ହେଉଛି ବୋଲି ଅଭିଯୋଗ ହେଉଛି । ହେଲେ କେହି ଲିଖିତ ଭାବେ ଅଭିଯୋଗ କରୁ ନାହାନ୍ତି । ଲିଖିତ ଅଭିଯୋଗ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ହେଉ ନାହିଁ । ଜିଲାକୁ ୧୭୦୦୦ ମେଟ୍ରିକ ଟନ ସାର ଆସିବାକୁ ଥିବାବେଳେ ଚଳିତ ବର୍ଷ ୧୫୦୭୧.୪୪ ମେଟ୍ରିକ ଟନ ଆସିଛି ବୋଲି ସେ ସୂଚନା ଦେଇଛନ୍ତି ।

## ମେଡିକାଲ ଟିମ୍ ତ୍ରିନାଥଙ୍କ ଘରେ ପହଞ୍ଚିଲା



ତ୍ରିନାଥଙ୍କ ପରିବାର ଲୋକଙ୍କ ସହିତ ମେଡ଼ିକାଲ ଟିମ୍ ଆଲୋଚନା କରୁଛନ୍ତି ।

**ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ**

ଖଣ୍ଡପଡ଼ା,୨୨।୯ (ସ୍ୱ.ପ୍ର.)

ଗତ ୧୯ ତାରିଖ ଧରିତ୍ରୀରେ 'ତ୍ରିନାଥଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହାପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଭିସାର ପଣ୍ଡା ଏକ ଡ଼ାକ୍ତରୀ ଟିମ୍ ସହ ତ୍ରିନାଥ ପ୍ରଧାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ଚିକିତ୍ସା ବ୍ୟବସ୍ଥା କରିଛନ୍ତି । ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଟର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ତ୍ରିନାଥଙ୍କ ଚିକିତ୍ସା ପାଇଁ ପରିବାର ଲୋକ ତାଙ୍କ ପୈତୃକ ଘରକୁ ବିକ୍ରୀ କରିଦେଇ ଗଣିଆ ବ୍ଲକ୍ ଅଧୀନ ବସନ୍ତପୁର ଗ୍ରାମସ୍ଥିତ ଶ୍ୱଶୁର ଘରେ ଆଶ୍ରୟ ନେଇଛନ୍ତି । ଡ଼ାକ୍ତରୀ ଟିମ ତ୍ରିନାଥଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଆବଶ୍ୟକ ତଥ୍ୟ ସଂଗ୍ରହ କରି ଏକ ରିପୋର୍ଟ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଡା.ପଣ୍ଡା ସୂଚନା ଦେଇଛନ୍ତି । ଏହାପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ରାଜଧାନୀରେ ମହିଳା ବ୍ୟବସାୟୀଙ୍କ ଆତ୍ମହତ୍ୟା

ବାଲିଅନ୍ତା, (ଡି.ଏନ୍.ଏ.)/ ଭୁବନେଶ୍ୱର ୨୨।୯ (ବ୍ୟୁରୋ)

**ଆପାର୍ଟମେଣ୍ଟରୁ ମିଳିଲା ଝୁଲନ୍ତା ମୃତଦେହ**

- ଲିଭ୍ ଇନ୍ ରିଲେଶନସିପ୍‌ରେ ରହୁଥିଲେ
- ଜେରା ହେବେ ପ୍ରେମିକ

ରାଜଧାନୀ ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଅଣ୍ଡିଳୋସ୍ଥିତ ସୁରେଖାବାଟିକା ଆପାର୍ଟମେଣ୍ଟରେ ରହୁଥିବା ଜଣେ ମହିଳା ବ୍ୟବସାୟୀ ଗୁରୁବାର ଫ୍ୟାନରେ ଓଢ଼ଣି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ପୋଲିସ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରିଛି। ସେ ହେଲେ ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ବରପାଲୀ ଅଞ୍ଚଳର ସୁଜାତା ରଥ(୩୨)। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସୁଜାତାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମୃତା ସୁଜାତାଙ୍କ ବାପା, ମା ଓ ଏକମାତ୍ର ଭାଇ ଉକ୍ତ ଆପାର୍ଟମେଣ୍ଟର ଅନ୍ୟ ଏକ ଫ୍ଲାଟରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। ପ୍ରାୟ ୨ରୁ ଅଢ଼େଇ ବର୍ଷ ହେବ ସୁଜାତା ତାଙ୍କ ପ୍ରେମିକଙ୍କ ସହ ଉକ୍ତ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.ଜେ-୪୦୧ରେ ରହୁଥିଲେ। ଲିଭ୍‌ଇନ୍‌ରେ ରହିବା ନେଇ ଉଭୟଙ୍କ ପରିବାର ଲୋକ ମଧ ଜାଣିଥିଲେ।



ସୁଜାତା ପ୍ରେମିକଙ୍କ ସହ ମିଶି ଶହୀଦନଗରଠାରେ ଫ୍ଲେକ୍ସ ଓ ହୋର୍ଡିଂ କମ୍ପାନୀ ଖୋଲିଛନ୍ତି। ପ୍ରେମିକ ଜଣକ ୩ଦିନ ହେବ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ଗୁରୁବାର ସକାଳେ ସୁଜାତା ତାଙ୍କ ମା' ଓ ଭାଇଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ହେଲେ ପୂର୍ବାହ୍ନ ପ୍ରାୟ ୧୦ଟା ପରେ ବାରମ୍ବାର କଲ୍ ପରେ ମଧ ସେ ଫୋନ୍ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ପରିବାର ଲୋକ ତାଙ୍କ ଫ୍ଲାଟ୍‌କୁ ଆସି ଭିତରପଟୁ କବାଟ ବନ୍ଦ ଥିବା ଦେଖି ଡାକିଥିଲେ। ହେଲେ ସେ ଜବାବ ଦେଇ ନ ଥିଲେ କି କବାଟ ଖୋଲି ନ ଥିଲେ। ତେଣୁ ସେମାନେ ଏନେଇ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ସୁଜାତା ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ତଳକୁ ଓହ୍ଲାଇ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ପାରିବାରିକ ଅଶାନ୍ତିକୁ ନେଇ ସୁଜାତା ଏପରି ପଦକ୍ଷେପ ନେଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ପ୍ରେମିକଙ୍କ ପରିଚୟକୁ ପୋଲିସ ଗୋପନ ରଖିଥିବାବେଳେ ତାଙ୍କ ନାମ ରାହୁଲ ବୋଲି ଜଣାପଡ଼ିଛି। ଘଟଣା ସଂକ୍ରାନ୍ତରେ ଥାନାଧିକାରିଣୀ ସୁଚିତ୍ରା ପରିଡ଼ା କହିଛନ୍ତି, ଏହି ମାମଲାରେ ସମସ୍ତଙ୍କୁ ପଚରାଉଚରା କରାଯିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଏଥିସହ ସୁଜାତାଙ୍କ ପ୍ରେମିକଙ୍କୁ ପଚରାଉଚରା ପାଇଁ ମଧ ଥାନାକୁ ଡକାଯାଇଛି। ଏପର୍ଯ୍ୟନ୍ତ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ସେ କହିଛନ୍ତି।

## କଲ୍ୟାଣ ସଂଘର ବାର୍ଷିକୋତ୍ସବ



ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ନୟାଗଡ଼ ଅଫିସ,୨୨।୯

ନୟାଗଡ଼ ଅବସରପ୍ରାପ୍ତ ପୋଲିସ କର୍ମଚାରୀ କଲ୍ୟାଣ ସଂଘର ୩ୟ ବାର୍ଷିକ ଉତ୍ସବ ରୋଟାରୀ କ୍ଲବ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଭିମନ୍ୟୁ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଏସ୍‌ପି ଦେବ ପ୍ରସାଦ ମଜୁମଦାର, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ,ନୟାଗଡ଼ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକୀୟ ବିବରଣୀ ଗୋପାଳ ଚନ୍ଦ୍ର ନାୟକ ପାଠ କରିଥିବାବେଳେ ଉପଦେଷ୍ଟା ଅମୂଲ୍ୟ ମହାନ୍ତି, କାଉନସିଲର କିଶାନ ଦାସ ଓ ଲକ୍ଷ୍ମୀଧର ମହାପାତ୍ର ବକ୍ତବ୍ୟ ରଖିଥିଲେ।

## ଜାତୀୟ ସେବା ସଂସ୍ଥା ପକ୍ଷରୁ ୪୦ ୟୁନିଟ୍ ରକ୍ତ ସଂଗ୍ରହ



ଖଣ୍ଡପଡ଼ା,୨୨।୯(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ପରିସରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା, ଯୁବ ରେଡକ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ଶିବିରକୁ ଅଧାପକ ହୃଷିକେଶ ମିଶ୍ର, ଅଧାପିକା ଶରଳା ବେହେରା ଓ ଅଧାପକ ମାନ ଗୋବିନ୍ଦ ରାଉତ ପରିଚାଳନା କରିଥିଲେ ।

## ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପକୁ ନେଇ ଉଦ୍‌ବେଗ

**ଜିଲା ପରିଷଦର ଦ୍ୱିତୀୟ ବୈଠକ**

- ପ୍ରଶ୍ନର ଉତ୍ତର ଦେଇ ନ ପାର ଡିଏଫ୍ଓ ହଟହଟା
- ବନ୍ୟା କ୍ଷୟକ୍ଷତି ଏଜେଣ୍ଡାରେ ନ ଥିବାରୁ ଅସନ୍ତୋଷ
- ସାରର ଅଭାବ ଓ ଚାଷୀ ପଞ୍ଜୀକରଣକୁ ନେଇ ଅଡୁଆରେ କୃଷି ବିଭାଗ




ଦ୍ୱିତୀୟ ଅଧିବେଶନରେ ବିଧାୟକ ଓ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ ।

ନୟାଗଡ଼ ଅଫିସ,୨୨।୯

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ସୃଜନରେ ଗୁରୁବାର ଜିଲା ପରିଷଦର ୨ୟ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଜିଲାପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା,ଜିଲାପାଳ ପୋମା ଟୁଡୁ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲାପରିଷଦ ସଭ୍ୟ, ପଞ୍ଚାୟତ ସମିତିର ଅଧକ୍ଷ ଓ ଉପାଧକ୍ଷ, ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ତଥ୍ୟ ଦେଇ ନ ପାରି ନୟାଗଡ ବନଖଣ୍ଡ ଅଧିକାରୀ (ଡିଏଫଓ ) କ୍ଷମା ଷଡ଼ଙ୍ଗୀ ଅପଦସ୍ତ ହୋଇଥିଲେ। ପୁଣି ସାରର ଅଭାବ ଓ ଚାଷୀ ପଞ୍ଜୀକରଣରେ କୃଷି ବିଭାଗର ଜିଲା ମୁଖ୍ୟ କୃଷି ଅଧିକାରୀ ହଟହଟା ହୋଇଥିଲେ । ବୃତ୍ତଙ୍ଗ ଜଳସେଚନ ଯୋଜନା ଆଗେଇ ନ ପାରିବାରୁ ସଭ୍ୟଙ୍କ ଉଦ୍‌ବେଗ ପ୍ରକାଶ ପାଇଥିଲା । ବନ୍ୟା କ୍ଷୟକ୍ଷତି ନେଇ ଆଲୋଚନା ଏଜେଣ୍ଡାରେ ନ ଥିବାରୁ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ ।

କଣ୍ଟିଲୋ ନୀଳମାଧବ ମନ୍ଦିରକୁ ୧୦୦ କୋଟି ଟଙ୍କା ରାଜ୍ୟସରକାର ମଞ୍ଜୁର କରିଥିବାରୁ ରାଜ୍ୟସରକାରଙ୍କୁ ଧନ୍ୟବାଦ ପ୍ରସ୍ତାବ ପଠାଇବାକୁ ଗତ ବୈଠକରେ ନିଷ୍ପତ୍ତି ହୋଇଥିଲା । ହେଲେ ଏହାକୁ ଅଣଦେଖା କରାଯାଇ ରିଜୋଲେଶନରେ ରଖାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ପୁଣି ଓଡ଼ଗାଁ ରେଞ୍ଜର ବନବିଭାଗର ଦୁର୍ନୀତିର ତଦନ୍ତ ଶେଷ ପର୍ଯ୍ୟାୟରେ ବାତିଲ ହେବା ଓ ତଦନ୍ତ ହେବାକୁ କମିଟି ଗଠନ ପରେ ଡିଏଫ୍‌ଓଙ୍କ ବିବୃତ୍ତିକୁ ନେଇ ଗୃହରେ ସରଗରମ ଆଲୋଚନା ହୋଇଥିଲା । ଜିଲାରେ ସାର ଅଭାବ ଲାଗି ରହିଥିବାବେଳେ ଚାଷୀ କଳାବଜାରରୁ ଅଧିକ ଦାମରେ ସାର କିଣୁଛନ୍ତି । ଗୃହରେ ସାର ଅଭାବକୁ ନେଇ ସଭ୍ୟମାନେ ବର୍ଷିଥିଲେ । ସେହିପରି ଜିଲାରେ ଗତ କିଛିଦିନ ତଳେ ମହାନଦୀରେ ବନ୍ୟା ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି । ମହାନଦୀରେ ପାଣି ଆସିଲେ ରାସଙ୍ଗ, ମଣପୁର, କରବର, ଛାମୁଣ୍ଡିଆ ପରି ଗାଁଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡୁଛି । ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ । ବନ୍ୟାରେ ଖଣ୍ଡପଡା, ଭାପୁର, ଗଣିଆ ବ୍ଲକର ବ୍ୟାପକ କ୍ଷୟକ୍ଷତି ହୋଇଛି । ହେଲେ ଏନେଇ ଏଜେଣ୍ଡାରେ ରଖା ନ ଯିବା ଦୁଃଖଦ ଘଟଣା ବୋଲି ସଭ୍ୟମାନେ କହିଥିଲେ । ବନ୍ୟା କ୍ଷୟକ୍ଷତି ନେଇ ୭ ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ଭେଣ୍ଡର ନିଯୁକ୍ତରେ ଅନିୟମିତତା ହୋଇଛି। ଏନେଇ ସବିଶେଷ ତଥ୍ୟ ଦେବାକୁ କୁହାଯାଇଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଇ କେୱାସି ପାଇଁ ପଞ୍ଜୀକରଣ ଠିକରେ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କୃଷି ବିଭାଗ ପଞ୍ଜିକରଣ କରିବାରେ ଅଣଦେଖା କରାଯାଉଥିବାରୁ ଚାଷୀ କେନ୍ଦ୍ର ସରକାରଙ୍କର ଅନୁଦାନ ପାଇବେ ନାହିଁ କୁହାଯାଇଥିଲା । ଏ ଉପରେ ଗୁରୁତ୍ୱ ଦେଇ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷେ ଚାଷୀଙ୍କର ବିଭିନ୍ନ ପଞ୍ଜୀକରଣ ବେଳେ ସର୍ଭର କାମ କରୁନି କହି ହଇରାଣ କରାଯାଉଛି । ସେମାନଙ୍କଠାରୁ ପଞ୍ଜୀକରଣ ବାବାଦକୁ ଜନସେବାକେନ୍ଦ୍ର ଅଧିକ ଅର୍ଥ ନେଉଥିବାରୁ ଗୃହରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

ଖୋର୍ଦ୍ଧା ବନଖଣ୍ଡରେ ଥିବା ରଣପୁର ରେଞ୍ଜର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହୁଥିଲେ ମଧ ଟ୍ରେଞ୍ଚ ଖୋଳା ଯାଉନି । ପୁଣି ଚାଷୀ କ୍ଷୟକ୍ଷତି ପାଉ ନ ଥିବା ସଭ୍ୟମାନେ ଦର୍ଶାଇଥିଲେ । ଗାଈଗୋରୁଙ୍କୁ ଚର୍ମ ବିଣ୍ଡି ରୋଗ ହେଲେ ଏଥିପାଇଁ ଔଷଧ ନାହିଁ । ଏଥିପାଇଁ ପ୍ରାଣୀ ବିଭାଗ ପକ୍ଷରୁ ସଚେତନତା କରାଯାଇଥିଲା । ତେବେ ମତ୍ସ୍ୟ ଓ ପ୍ରାଣୀ ବିଭାଗର ଅନେକ ଯୋଜନାର କାର୍ଯ୍ୟକାରତା ଉପରେ ସଭ୍ୟମାନେ ପ୍ରଶ୍ନ ଉଠାଇ ଥିଲେ । ଲୋକପ୍ରତିନିଧିମାନଙ୍କୁ ଯୋଜନା ସମ୍ପର୍କରେ ଅବଗତ କରାଯାଉ ନ ଥିବା ପ୍ରମାଣିତ କରିଥିଲେ । ଉଭୟ ବିଭାଗର ଅଧିକାରୀ ଅପଦସ୍ତ ହୋଇଥିଲେ । ଅପରପକ୍ଷେ ମୁଖ୍ୟ ଶାସନ ସଚିବଙ୍କ ଭିସି ଅଛି ଦର୍ଶାଇ ଜିଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀ ଚାଲିଯିବା ପରେ ବୈଠକର ଆଲୋଚନା ଫଳପ୍ରଦ ହେଲା ନାହିଁ ବୋଲି ସଭ୍ୟମାନେ କହିଥିଲେ । ସେହିଭଳି ନୟାଗଡ ଜିଲାରେ ପ୍ରାକୃତିକ ସମ୍ପଦ ନାହିଁ । କେବଳ ଜଙ୍ଗଲ ଅଛି ଓ ଏବେ ରେଳ ଲାଇନ ଜିଲାରେ ପହଞ୍ଚି ପାରିଛି । ତେବେ ଜିଲାବାସୀଙ୍କ ଇଚ୍ଛାଶକ୍ତି ଅଛି । ସହମତି ଓ ସହଯୋଗ ରହିଲେ ଜିଲା ବିକାଶ କ୍ଷେତ୍ରରେ ଆଗେଇ ପାରିବ । କିନ୍ତୁ ସହମତି ଓ ସହଯୋଗ ରହୁ ନ ଥିବାରୁ ବିକାଶରେ ବାଧା ଉପୁଜୁଛି ବୋଲି ମତ ପ୍ରକାଶ ପାଇଥିଲା । ଆଲୋଚନାରେ ସଭ୍ୟ ରାମେଶ୍ୱର ଶତପଥୀ, କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ, ସଂଯୁକ୍ତା ପଡ଼ିଆରୀ, ଲକ୍ଷ୍ମୀପ୍ରୀୟା ତରେଇ, ନୟାଗଡ଼, ଦଶପଲ୍ଲା ଖଣ୍ଡପଡ଼ା ବିଧାୟକ ଅଂଶ ଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ମଲାଡ଼ ବାତ୍ୟା ଆଶ୍ରୟ ସ୍ଥଳୀରେ ମକଡ୍ରିଲ



ଗଞ୍ଜାମ,୨୨।୯(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ବରୋଦା ଗ୍ରାମ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀଠାରେ ଗୁରୁବାର ଓସଡମା ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମମତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଓସଡମା ଜିଲା କୋଡିନେଟର ଜୀବନ କୁମାର ଛୀନଛାନି, ଜିଲା ପ୍ରକଳ୍ପ ଅଧିକାରୀ ଓସଡମାର ଅବନୀକାନ୍ତ ଭୁଇଆଁ, ସମ୍ପାଦକ ଟୁନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ମକଡ୍ରିଲ୍ କାର୍ଯ୍ୟକ୍ରମରେ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା ଓ ବାତ୍ୟା ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରିବା ରଣ କୌଶଳ ଆଦି ତାଲିମ ପ୍ରଦାନ କରାଯାଇଥିଲା। ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ଓ ଅନ୍ୟମାନେ ସହଯୋଗ ଓ ପରିଚାଳନା କରିଥିଲେ।

### ଶିଶୁ ମିତ୍ର ଥାନା ପରିଦର୍ଶନ

ପାରଳାଖେମୁଣ୍ଡି,୨୨।୯(ଡି.ଏନ୍.ଏ.)- ଆଜାଦି କା ଅମୃତ ମୋହତ୍ସବ କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କୁ ନିଜ ଅଞ୍ଚଳ ନିକଟବର୍ତ୍ତୀ ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ଶିଶୁ ମିତ୍ର ଥାନା ପରିଦର୍ଶନ ପାଇଁ ନିଆଯାଇଥିଲା। ଉକ୍ତ ପରିଦର୍ଶନ କାର୍ଯ୍ୟକ୍ରମରେ ୫ଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ମୋହନାଠାରେ ଥିବା ଡେଷ୍ଟାର ହୋମ, ଗୁମ୍ମାଠାରେ ଥିବା ନିଶାନ ସଲୋମ ଚିଲଡ୍ରେନ୍ ହୋମ ସହ ଗୋଷାଣୀ ବ୍ଲକର ବିବେକାନନ୍ଦ ରେସିଡେନସିଆଲ ସ୍କୁଲ, ଜଗନ୍ନାଥ ନିକେତନ ଓ ପ୍ରାଉଡର ଶିଶୁମାନେ ଯୋଗ ଦେଇଥିଲେ। ପରିଦର୍ଶନ ସମୟରେ ଶିଶୁମାନେ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସର ବିଭିନ୍ନ ଯୋଜନା ବିଷୟରେ ଜାଣିବାକୁ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲା ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଆର.ଉଦୟଗିରିରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

ଆର.ଉଦୟଗିରି,୨୨।୯(ଡି.ଏନ.ଏ.) ଆର.ଉଦୟଗିରି ବ୍ଲକ ସଦର ମହକୁମାଠାରେ ବୁଧବାର ଜିଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତର ମିଳିତ ଉଦ୍ୟମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବଜରଙ୍ଗ ଦଳ ଓ ଯୁବକ ସଂଘର ସହଯୋଗରେ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବିଡିଓ ଲରିମନ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ଅତିରିକ୍ତ ତହସିଲଦାର ରାଜେଶ କୁମାର ମହାପାତ୍ର ଓ ସିଡିପିଓ ଲଳିତା ପୂଜାରୀ, ସରପଞ୍ଚ ଜେମ୍ସ ରାଇକା, ପଞ୍ଚାୟତ ଅଧିକାରୀ, ଜିପିଇଓ ଶଶାଙ୍କ ସୁବୁଦ୍ଧି, ଓଡ଼ିଶା ଜୀବିକା ମିଶନର ବିପିଏମ୍ ମିଲୁ ପଣ୍ଡା ପ୍ରମୁଖ ଯୋଗଦେଇ ବ୍ଲକ କାର୍ଯ୍ୟାଳୟ ପରିସରଠାରୁ ସଫେଇ କରିଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସମସ୍ତ ତହସିଲ କର୍ମଚାରୀ, ବ୍ଲକ କର୍ମଚାରୀ, ଆଇସିଡିଏସ୍ ସୁପରଭାଇଜର, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଧାନ ଶିକ୍ଷକ, ଗ୍ରାମର ଯୁବକ ମଧ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଛି।

### ଲୁହରେ ଲେଖା, ମୋ କପାଳ ରେଖା ମଞ୍ଚସ୍ଥ

ଶେରଗଡ,୨୨।୯(ଡି.ଏନ.ଏ.) ଶେରଗଡ଼ ନିକଟସ୍ଥ ତାକରଡା ଗ୍ରାମରେ ସାମାଜିକ ନାଟକ ଲୁହରେ ଲେଖା, ମୋ କପାଳ ରେଖା ନାଟକ ମଞ୍ଚସ୍ଥ ହୋଇଯାଇଛି। ତାକରଡା ସହିଦ କ୍ଲବ ପକ୍ଷରୁ ଆୟୋଜିତ ଉକ୍ତ ସାମାଜିକ ନାଟକକୁ ନିର୍ଦ୍ଦେଶକ ଦେଇଥିଲେ ଶିକ୍ଷକ ସୀମାଞ୍ଚଳ ନାଇକ। ଉକ୍ତ ନାଟକରେ ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଥାନାଧିକାରୀ ମନୋଜ କୁମାର ପ୍ରଧାନ, ବିଡିଓ ଶିବାସିସ ବରାଳ, ସମୀର ପ୍ରଧାନ, ଜିଲାପରିଷଦ ସଭ୍ୟ ଚିତରଞ୍ଜନ ପାଣିଗ୍ରାହୀ, ସମାଜିକ କର୍ମୀ ଅଶୋକ କୁମାର ଦାଶ, ଅବନୀ କୁମାର ଦାଶ, ପ୍ରମୁଖ ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକର୍ମରେ ବହୁ କଳାକାରମାନେ ଅଭିନୟ କରିଥିବା ବେଳେ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ଟୋକନ୍ ମନିରେ ଅଟକିଛି ରେଢ଼ାଖୋଲ ରେଳ ପ୍ରକଳ୍ପ

**ଭଞ୍ଜନଗର,୨୨।୯(ଡି.ଏନ.ଏ)**

ଦେଶ ସ୍ୱାଧୀନତା ଲାଭ କରିବାର ଇତିମଧ୍ୟରେ ୭୫ ବର୍ଷ ବିତିଛି, କିନ୍ତୁ କନ୍ଧମାଳ ଜିଲାବାସୀ ରେଳ ଲାଇନ ଦେଖିନାହାନ୍ତି। ସେହିଭଳି ବ୍ରିଟିଶ ଶାସନ ସମୟରେ ଗଞ୍ଜାମ ଜିଲାରେ ଯେତିକି ରେଳ ଲାଇନ୍ ବିଛା ହୋଇଥିଲା ସେତିକିରେ ହିଁ ସିମିତ ଅଛି । ଗଞ୍ଜାମ ଜିଲା ଏକ ବଡ଼ ଜିଲା ହୋଇଥିଲେ ମଧ୍ୟ ସବୁ ଅଞ୍ଚଳକୁ ନୂତନ ରେଳ ଲାଇନ ବିଛା ହୋଇନାହିଁ । ଗୋପାଳପୁର ଭାୟା ଭଞ୍ଜନଗର ରେଢ଼ାଖୋଲ ରେଳ ଲାଇନ ହେଲେ ଗଞ୍ଜାମ, କନ୍ଧମାଳ, ବୈଦ୍ଧ, ସମ୍ବଲପୁର ଜିଲାବାସୀ ରେଳ ଲାଇନର ସୁବିଧା ପାଇବେ। କିନ୍ତୁ ଉକ୍ତ ପ୍ରକଳ୍ପ ଆରମ୍ଭ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁଭଳି ଆଗ୍ରହ ଦେଖାଇବା କଥା ଦେଖାଉନାହାନ୍ତି । ତେଣୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ। ସମ୍ପୃକ୍ତ ଜିଲାର ଲୋକ ପ୍ରତିନିଧିମାନେ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ରାଜନୈତିକ ଦୃଷ୍ଟିକୋଣରୁ ଉପଯୁକ୍ତ ଚାପ ପକାଇବାରେ ବିଫଳ ହେଉଛନ୍ତି। ତେଣୁ ସରକାର ମଧ ପ୍ରକଳ୍ପ ପ୍ରତି ଏତେଟା ଗରୁତ୍ୱ ଦେଉନାହାନ୍ତି। ଆଜକୁ କିଛିବର୍ଷ ହେବ ବଜେଟରେ ଟୋକନ ମନିରେ ହିଁ ଉକ୍ତ ପ୍ରକଳ୍ପ ସିମିତ ରହିଛି । ଏହା ପୂର୍ବରୁ ଆକାଶମାର୍ଗରୁ ପ୍ରାଥମିକ ସର୍ଭେ ହୋଇଥିଲା । ବର୍ତ୍ତମାନ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର)



ପ୍ରସ୍ତାବିତ ରେଳ ଲାଇନର ନକ୍ସା ।

## ଚୂଡ଼ାନ୍ତ ଡ଼ିପିଆର ପ୍ରସ୍ତୁତ ହୋଇପାରୁନି

ହେବା କଥା। ତାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଡିପିଆର ସରିବା ପରେ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ କ୍ଲିଏରେନ୍ସ ହେବ। ଏହା ପରେ ବଜେଟରେ ଅର୍ଥ ଅନୁମୋଦନ ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଚୂଡ଼ାନ୍ତ ଡିପିଆର ପ୍ରସ୍ତୁତ କରିବାକୁ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିବା ସମ୍ଭାବନା ରହିଛି। ସେହିଭଳି ଜମି ଅଧିଗ୍ରହଣ, ଜଙ୍ଗଲ କ୍ଲିୟରାନ୍ସ ମଧ୍ୟ ମୁଖ୍ୟ ସମସ୍ୟା। ଉକ୍ତ କାମ ସାରିବାକୁ ବର୍ଷବର୍ଷ ଲାଗିଯିବା ସମ୍ଭାବନା ରହିଛି। ଏହିଭଳି ପରିସ୍ଥିତିରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ଭଳି ଲାଗୁନାହିଁ। କାର୍ଯ୍ୟ ଯେତେ ବିଳମ୍ବ ହେଉଛି ସେହି ଅନୁପାତରେ ବ୍ୟୟ ଅଟକଳ ମଧ ବୃଦ୍ଧି ପାଇବ । ଏହି ପ୍ରକଳ୍ପ ପିପିପି ମୋଡ଼ରେ ହେବ । ଗୋପାଳପୁରଠାରୁ ରେଢ଼ାଖୋଲ ପର୍ଯ୍ୟନ୍ତ ୨୭୦ କି.ମି.ହେବାକୁ ଥିବା ନୂତନ ରେଳ ଲାଇନ୍ ପାଇଁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ଼ ଉକ୍ତ ପ୍ରକଳ୍ପ କାର୍ଯ୍ୟ କରିବ । ଉକ୍ତ ଅଞ୍ଚଳରେ ରେଳ ଲାଇନ୍ ହେଲେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଆର୍ଥୀକ ମାନଦଣ୍ଡରେ ଉନ୍ନତି ଆସିବା ସହ ଗମନାଗମନରେ ସୁବିଧା ହେବ । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ହିତକୁ ଦେଖି ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ସୂଚନା କର୍ମୀ ବି.ଶଙ୍କର ପାତ୍ର କହିଛନ୍ତି, ଉଭୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଟୋକନ ମନିରେ ପ୍ରକଳ୍ପ ଅଟକିଛି। ତୁରନ୍ତ ଚୂଡ଼ାନ୍ତ ଡ଼ିପିଆର କାର୍ଯ୍ୟ ଆରମ୍ଭ କରିବା ପାଇଁ ଶଙ୍କର ଦାବି କରିଛନ୍ତି ।

# ରଣବା ପଞ୍ଚାୟତରେ 'ପରିବର୍ତ୍ତନ' କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରଙ୍କୁ ଗ୍ରାମବାସୀ ନଦୀପାର କରାଉଛନ୍ତି ।

**ରାଇକିଆ,୨୨।୯(ଡି.ଏନ.ଏ)**

ରାଇକିଆ ବ୍ଲକର ଦୁର୍ଗମ ରଣବା ପଞ୍ଚାୟତରେ ଗୁରୁବାର କନ୍ଧମାଳ ଜିଲାପାଳଙ୍କ ଅଭିନବ କାର୍ଯ୍ୟକ୍ରମ ପରିବର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷା ଓ ସାସ୍ଥ୍ୟଠାରୁ ଆରମ୍ଭକରି ବିଭିନ୍ନ ବିଭାଗର ଯୋଜନା ସମ୍ପର୍କିତ ସଚେତନତା କରାଯିବା ସହ ସାଧାରଣ ଲୋକ ଯେପରି ସବୁ ଯୋଜନାର ସୁବିଧା ପାଇଁ ପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତବସୀଙ୍କୁ ସାମିଲ କରାଯିବା ସହ ପ୍ରଶାସନିକ ବ୍ୟବସ୍ଥାକୁ ସରଳ ଭାବେ ଲୋକଙ୍କ ପାଖରେ ଯେପରି ପହଞ୍ଚି ପାରିବ ସେ ନେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିବା ବିଡିଓ ଶରତ ପାତ୍ର ସୂଚନା ଦେଇଥିଲେ। ଅନ୍ୟ ପକ୍ଷରେ ବ୍ଲକର ସବୁଠାରୁ ଦୁର୍ଗମ ରଣବା ପଞ୍ଚାୟତ ପ୍ରଥମ ଥର ପାଇଁ ଏହିପରି କାର୍ଯ୍ୟକ୍ରମ ହେଉଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ରାମଣ୍ଡାରେ ବିଜେଡିର ମିଶ୍ରଣ ପର୍ବ



ବିଜେଡିର ମିଶ୍ରଣ ପର୍ବ ।

**ବୁଗୁଡା,୨୨।୯(ଡି.ଏନ.ଏ.)**

ବୁଗୁଡା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମର ଶିବ ମନ୍ଦିର ନିକଟରେ ଥିବା ଏକ ପଡିଆରେ ଗୁରୁବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନଗୋପାଳ ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ରାମଣ୍ଡା ଗ୍ରାମର ଅଶ୍ୱିନୀ ନାୟକ ଓ ଟୁକୁନା ପାତ୍ରଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢୀ, କବିରାଜ ଗୌଡ, କେ ତ୍ରିଲୋଚନ ଦୋରାଙ୍କ ସମେତ ବିଜେଡିର ବହୁ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ପରେ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବୁଗୁଡା ବ୍ଲକ ଅନ୍ତର୍ଗତ ଶ୍ରୀରାମ ନଗରକୁ ଯାଇ ସୁରଟରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶିଶିର ବିଷୋୟୀ (୩୦)ଙ୍କ ବାସ ଭବନରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।

# ଜମି ବିବାଦ ସମାଧାନ କଲା ପ୍ରଶାସନ

**ଦାରିଙ୍ଗବାଡି,୨୨।୯(ଡି.ଏନ.ଏ)**

ଦାରିଙ୍ଗବାଡି,୨୨।୯(ଡି.ଏନ.ଏ)– ଦାରିଙ୍ଗବାଡି ଚାରିଛକଠାରେ ରହିଥିବା ଏକ ଜମି ବିବାଦକୁ ଗୁରୁବାର ପ୍ରଶାସନ ପକ୍ଷରୁ ସମାଧାନ କରାଯାଇଛି। ଦାରିଙ୍ଗବାଡି ଚାରିଛକଠାରେ ରହିଥିବା ଜମିରେ ପ୍ରତିବର୍ଷ ବଣିକ ସଘ ପକ୍ଷରୁ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା ଆଦି କରାଯାଉଥିଲା। ସେହି ଜମି ଦୁର୍ଗାପୂଜା କମିଟିର ଜମି ବୋଲି ବଣିକ ସଂଘ ଦାବି କରୁଥିବା ବେଳେ ସେଠାରେ ପୂର୍ବରୁ ଏକ ଜନସାଧାରଙ୍କ ପାଇଁ ଯାତ୍ରୀ ବିଶ୍ରାମାଗାର ରହିଥିବାରୁ ତାହା ସର୍ବସାଧାରଣ ଜମି ବୋଲି ଦାବି କରି ମହିଳା ସଂଘ ଏବଂ କିଛି ଜନସାଧାରଣ ପୂଜା କମିଟି ଆସନ୍ତା ପୂଜା ପାଇଁ ସଫେଇ କରୁଥିବା ବେଳେ ମହିଳା ସଙ୍ଘ ଓ ସାଧାରଣ ଲୋକ ପ୍ରତିବାଦ କରିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ମଧ୍ୟ ଦେଖାଦେବାରୁ ମାମଲା ଥାନାରେ ପହଞ୍ଚିଥିଲା।



ବୈଠକରେ ଜମି ବିବାଦ ନେଇ ଆଲୋଚନା ଚାଲିଛି।

ପରବର୍ତ୍ତୀ ସମୟରେ ଜନସାଧାରଣ ଉକ୍ତ ଜମି ସର୍ବସାଧାରଣର ଜମି କହି ବୁଧବାର ତାର ବାଡ ବାନ୍ଧିଥିଲେ ପରେ ପୋଲିସ ବୁଝାଶୁଝା କରି ଆଲୋଚନା ପାଇଁ ଉଭୟଙ୍କୁ ଡାକିଥିଲା। ସମାଧାନ ପାଇଁ ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଦାରିଙ୍ଗବାଡିରେ ପହଞ୍ଚିଥିଲେ। ତେବେ ବଣିକ ସଂଘ ବୁଧବାର ଦୋକାନବଜାର ବନ୍ଦ କରିଥିବାବେଳେ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଗୁରୁବାର ସକାଳୁ ମଧ ସଂଘ ଦୋକାନ ଖୋଲିନଥିଲା ଫଳରେ ଧୀରେ ଧୀରେ ଉତ୍ତେଜନା ବୃଦ୍ଧି ପାଇବାରୁ ଘଟଣାସ୍ଥଳରେ ବାଲିଗୁଡା ଏସ୍ଡିପିଓ ଜି ଆର. ରାଘବେନ୍ଦର ରେଞ୍ଜୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମାଧ୍ୟାହ୍ନରେ ପ୍ରଶାସନ ସହ ଦୁଇପକ୍ଷଙ୍କୁ ନେଇ ବ୍ଲକ ସଭାଗୃହଠାରେ ବୈଠକ ବସିଥିଲା ଉଭୟ ପକ୍ଷଙ୍କ ଅଭିଯୋଗକୁ ଉପଜିଲାପାଳ ଦୁଃଖବନ୍ଧୁ ନାୟକ ଶୁଣିଥିଲେ। ପରେ ଏହାର ଏକ ସମାଧାନର ବାଟ ବାହାର କରାଯାଇଥିବା ବାଲିଗୁଡା ଉପଜିଲାପାଳ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯେ ଯେଉଁ ଜମି କୁ ନେଇ କିଛି ଜନସାଧାରଣ ଏବଂ ପୂଜା କମିଟି ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା ତାହା ଆଜି ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସେଠାରେ ଦୁର୍ଗାପୂଜା ଅନୁଷ୍ଠିତ ହେବ ସମସ୍ତଙ୍କ ସହଯୋଗରେ ହେବ ଏବଂ ସେଠାରେ ଏକ ବିଶ୍ରାମାଗାର ମଧ ନିର୍ମାଣ କରାଯିବ। ଯାହାକି ୧୯୮୯ରୁ ରହିଥିଲା ତାହା ୨୦୧୨ ରୁ ଭାଙ୍ଗି ଦିଆଯାଇଥିଲା ବର୍ତ୍ତମାନ ପ୍ରଶାସନ ପକ୍ଷରୁ ବିଶ୍ରାମାଗାର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହି ଆଲୋଚନା ବେଳେ ଉପଜିଲାପାଳଙ୍କ ସମେତ ଏସଡିପିଓ ଜି. ଆର. ରାଘବେନ୍ଦର, ତହସିଲଦାର ଅଶୋକ କୁମାର ଦାସ, ବିଡିଓ ଗଦାଧର ପାତ୍ର, ଆଇଆଇସି କୌଶିକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଖୁଣ୍ଟକୁ ସଜଡା ଗଲା

**ଭଞ୍ଜନଗର,୨୨।୯(ଡି.ଏନ୍.ଏ)**

**ଧରିତ୍ରୀ ପ୍ରଭାବ**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜର ମୁଜାଗଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା କିଛି ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ଥିଲା। ଏ ନେଇ ଗୁରୁବାର ଧରିତ୍ରୀରେ ହାତୀ କରିଡରରେ ବିପଦ ସଙ୍କୁଳ ବିଦ୍ୟୁତ ଖୁଣ୍ଟ ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ବନବିଭାଗ ଏବଂ ଟାଟା ପାୱାରର ଚେତା ପଶିଥିଲା । ଗୁରୁବାର ଅପରାହ୍ନରେ ଟାଟା ପାୱାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡିକୁ ସଜାଡିଥିଲେ। ସୂଚନାଯୋଗ୍ୟ, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ଓହଳି ରହିଥିଲା ସମ୍ପୃକ୍ତ ଅଞ୍ଚଳଟି ହାତୀ କରିଡର ଭାବେ ପରିଚିତ। ବିଗତ କିଛି ଦିନ ହେବ ଉକ୍ତ ଅଞ୍ଚଳରେ ହାତୀ ବାରମ୍ବାର ଚଳପ୍ରଚଳ କରୁଛି। ବିପଦ ସଙ୍କୁଳଖୁଣ୍ଟକୁ ନେଇ ଆଗାମୀ ଦିନରେ କିଛି ଅଘଟଣ ଘଟିବା ଆଶଙ୍କା ଥିଲା। ଏହାପରେ ଦୁଇ ବିଭାଗର ପ୍ରଚେଷ୍ଟାରେ ବିଦ୍ୟୁତ୍ ଖୁଣ୍ଟ ଗୁଡିକୁ ସଜଡାଯାଇଛି।

# କୋଟଗଡ଼ରେ ପରିବର୍ତ୍ତନ ମେଳା

**କୋଟଗଡ଼,୨୨।୯(ଡି.ଏନ.ଏ.)**

କୋଟଗଡ଼ ବ୍ଲକ କୋଟଗଡ଼ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଗୁରୁବାର ପରିବର୍ତ୍ତନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ କୃଷି ବିଭାଗ, ଉଦ୍ୟାନ, ସ୍ୱାସ୍ଥ୍ୟ,ଏମ୍ଜିଏନ୍ଆରଇଜିଏସ୍, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ବିଭାଗ,ମିଶନ ଶକ୍ତି, ଶିଶୁ ବିକାଶ ଓ ବନ ବିଭାଗ ଆଦି ଷ୍ଟଲ ମାଧ୍ୟମରେ ଯୋଜନାର କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲାପାଳଙ୍କ ଏହା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସାଧାରଣ ଲୋକଙ୍କ




ଉପସ୍ଥିତ ଅଧିକାରୀ।

ପାଖରେ ସରକାରୀ ଯୋଜନାକୁ ସଫଳ ଭାବେ ପହଞ୍ଚାଇବାରେ ଏହା ଏକ ଅଭିନବ ପ୍ରୟାସ। ଯଦ୍ୱାରା ଲୋକମାନେ ଯୋଜନାକୁ ବୁଝିବେ ଓ କାମରେ ଲଗାଇ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ମେଳାର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ବାଲିଗୁଡା ପିଏ ଆଇଟିଡିଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ପିଙ୍କି କହଁର, ଜିଲା ପରିଷଦ ସଭ୍ୟ ଜିରିମିୟ ସୁନାମାଝୀ,ଏବିଡିଓ ପ୍ରମୋଦ ପାଣିଗ୍ରାହୀ, କୋଟଗଡ଼ ସରପଞ୍ଚ ଶତୋଲିନା ସୁକାମାଝି, ବିପିଏମ୍ ବାଦଲ ପ୍ରଧାନ ଏବଂ ଓଏଲଏମ୍ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋଟଗଡ଼ର କେତେକକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁତନୟ ମହାକୁଡ଼ ପରିଚାଳନା କରିଥିଲେ।

# ଟିମ୍ପୋଗିରିରେ ପଞ୍ଚାୟତ ଉନ୍ନୟନ କମିଟି ବୈଠକ

**ପାରଳାଖେମୁଣ୍ଡି,୨୨।୯(ଡି.ଏନ୍.ଏ.):** ଗୁମ୍ମା ବ୍ଲକ ଅନ୍ତର୍ଗତ ବୃଷଭ ଗ୍ରାମପଞ୍ଚାୟତର ଟେମ୍ପୋଗିରି ଗ୍ରାମରେ ପଞ୍ଚାୟତ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ଅଧକ୍ଷ ଗବରା ତିରୁପତି ରାଓ, ବିଜେଡି ଯୁବନେତା ଇଂ ରୂପେଶ ପାଣିଗ୍ରାହୀ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଜେଡି ରାଜ୍ୟ ସମ୍ପାଦକ ମରୁତ ପାଲ, ସ୍ଥାନୀୟ ସରପଞ୍ଚ, ସମିତି ଓ ବୃଷଭ ଗ୍ରାମପଞ୍ଚାୟତ ଅଧିନରେ ଥିବା ସମସ୍ତ ଗ୍ରାମରୁ ଲୋକମାନେ ଉପସ୍ଥିତ ଥିଲେ । ସମସ୍ତ ଗ୍ରାମରୁ ଆସିଥିବା ଲୋକମାନଙ୍କ ଅସୁବିଧା ଯାହାକି ଚର୍ଚ୍ଚଘର, ରୋଡ଼, ପିଇବା ପାଣି ଓ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଲୋକମାନେ ଉପସ୍ଥାପନ କରିଥିଲେ । ଏହି ସମସ୍ୟା ଗୁଡିକୁ ସମାଧାନ କରି ପଞ୍ଚାୟତ ଯେମିତି ଉନ୍ନତି ହୋଇପାରିବ ଏହି ବୈଠକରେ ଆଲୋଚନା ହୋଇଥିଲା।



ବୈଠକରେ ଆଲୋଚନା ଚାଲିଛି।

# ଆର.ଉଦୟଗିରିରେ ଅହିଂସା ରଥକୁ ସମ୍ବର୍ଦ୍ଧନା

**ଆର.ଉଦୟଗିରି,୨୨।୯(ଡି.ଏନ.ଏ.)**

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଗୁରୁବାର ଅହିଂସା ରଥ ଆର.ଉଦୟଗିରି ବ୍ଲକ ପରିକ୍ରମା କରିଥିଲା। ଆର.ଉଦୟଗିରି ବ୍ଲକର ବୁଡିସିଲ ଗ୍ରାମରେ ରଥକୁ ପୂର୍ବତନ ବ୍ଲକ ଉପାଧକ୍ଷ ନବିନ ରଇତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ବ୍ଲକ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ବ୍ଲକ ତରଫରୁ ଟେଷ୍ଟ କଡିନେଟର ତପେସର ଜଗତ, ଜିଲା ସୂଚନା ଓ ଲୋକ ସମ୍ପର୍କ ସୂଚନା ଅଧିକାରୀ ପ୍ରଦିପ ଗୁରୁମାଇଁ ଉପସ୍ଥିତିରେ ବିଡିଓ ଲରିମନ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ଉପାଧକ୍ଷା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସିଡିପିଓ ଲଳିତା ପୂଜାରୀ, ସ୍ଥାନୀୟ ସରପଞ୍ଚ ଜେମେସ ରାଇକା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜେ. ସତ୍ୟନାରାୟଣ ପ୍ରମୁଖଙ୍କ ସମେତ ଜିଲା ପ୍ରଶାସନର ପଦାଧିକାରୀଙ୍କ ସହ ଜନସାଧାରଣ ଜାତୀୟ ପତାକା ଧରି ସ୍ୱାଗତ କରିଥିଲେ। ସ୍ଥାନୀୟ ଶିବ ମନ୍ଦିର




ଅହିଂସା ରଥ ପରିକ୍ରମା ।

ପରିସରରେ ଅହିଂସାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର, ଜନପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ହୋଇଥିଲେ। ଅହିଂସା ରଥକୁ ସହର ପରିକ୍ରମା ସମୟରେ ସ୍ଥାନୀୟ ବିଡିଓ ଓ ସରପଞ୍ଚ ବାଜାର ତାଳେତାଳେ ନାଚୁଥିଲେ। ବ୍ଲକର ସୁଣ୍ଡୁରବା, ଛେଳିଗଡ ଓ ମହେନ୍ଦ୍ରଗଡ ଗ୍ରାମରେ ଅହିଂସା ରଥକୁ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ଜନପ୍ରତିନିଧି ଏବଂ ଗ୍ରାମବାସୀମାନେ ସ୍ୱାଗତ କରିଥିଲେ। ଏହାପରେ ରଥକୁ ମୋହନା ଅଞ୍ଚଳରୁ ସ୍ୱାଗତ ଜଣାଇଥିଲେ।